ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.179 Bhubaneswar Tuesday, August 31, 2021 ୨୪ତମ ବର୍ଷ ସଂଖ୍ୟା-୧୭୯ ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୩୧, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

ବରିଷ୍ଠ ବୈଜ୍ଞାନିକ ତଥା ଅଧିକାରୀଙ୍କ ଏକ ବୈଠକରେ ରାଜ୍ୟ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ଓ ପୃଥିବୀ ବିଜ୍ଞାନ ମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କର୍ମଚାରୀ, ଜନଅଭିଯୋଗ ଓ ପେନସନ୍, ପରମାଣୁ ଶକ୍ତି ଏବଂ ମହାକାଶ ବିଜ୍ଞାନ ମନ୍ତ୍ରୀ ଜିତେନ୍ଦ୍ର ସିଂହ ଉପସ୍ଥିତ

ଆଜି ଆସିବ ସେପ୍ଟେମ୍ବର ଗାଇଡ୍ ଲାଇନ୍

ଭୁବନେଶ୍ୱର, ୩୦।୮(ପି.ଏନ): ଆଜି (ମଙ୍ଗଳବାର) ଆସିବ ସେପ୍ଟେମ୍ବର ମାସ ପାଇଁ କୋଭିଡ୍ ଗାଇଡ୍ ଲାଇନ୍ । ରାଜ୍ୟରେ ଦୈନିକ ସଂକ୍ରମଣ ହାର ଖସୁଥିବାରୁ ଆସନ୍ତାକାଲି କଟକଣା ଆହୁରି କୋହଳ ହେବା ନେଇ ଆଶାବାଦୀ ଅଛନ୍ତି ରାଜ୍ୟବାସୀ। କଟକ, ଭୁବନେଶ୍ୱର, ପୁରୀ ସହରରେ ସପ୍ତାହାନ୍ତ ସଟଡାଉନ୍ ଉଠିବା ସହ କଟକଣା ଅଧିକ କୋହଳ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇପାରନ୍ତି । ସେହିପରି ସକାଳ ୬ଟାରୁ ରାତି ୮ଟା ଯାଏଁ ଦୋକାନ ଖୋଲା ରହିବା ନିଷ୍ପତି ପରିବର୍ତନ କରି ଏହାକୁ ରାତି ୯ କିମ୍ବା ୧୦ ବଢାଯାଇପାରେ ।ଏହାସହ ଆଗକୁ ପାର୍ବଣ ଆସୁଥିବାରୁ ସ୍ୱତନ୍ତ୍ର ଗାଇଡ୍ ଲାଇନ ଆସିବ ବୋଲି ଅନୁମାନ କରାଯାଉଛି। ତେବେ ସମ୍ପୂର୍ଣ୍ଣ କୋହଳ ନୁହେଁ, କଟକଣା ଭିତରେ ନୂଆ ଗାଇଡ୍ ଲାଇନ୍ ଆଣିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି । ଗତ କିଛି ଦିନ ହେବ ଦୈନିକ ସଂକ୍ରମଣ କ୍ରମାଗତ ଭାବେ ହଜାରେ ତଳେ ରହୁଛି। ୬ଶହ ପର୍ଯ୍ୟନ୍ତ ମଧ୍ୟ ସଂକ୍ରମଣ ଖସୁଛି। ୧ ପ୍ରତିଶତ ତଳେ ଟିପିଆର । ଏବେବି ତୃତୀୟ ଲହର ଆଶଙ୍କା ଥିବାରୁ ସଂପୂର୍ଣ୍ଣ କଟକଣା କୋହଳ ସପକ୍ଷରେ ନାହାନ୍ତି ରାଜ୍ୟ ସରକାର। ପାର୍ବଣ ଯୋଗୁଁ ସଂକ୍ରମଣ ବଢିବା ଭୟ ଥିବାରୁ ସ୍ୱତନ୍ତ୍ର ଗାଇଡ୍ ?ଲାଇନ ଅଣାଯିବ ।ଏହାରି ମଧ୍ୟରେ କଟକ, ଭୁବନେଶ୍ୱର ଓ ପୁରୀରୁ ସପ୍ତାହନ୍ତ ସଟ୍ ଡାଉନ୍ ଉଠାଇବା ସହ ନାଇଟ କର୍ଫୁ କୋହଳ କରିବାକୁ ଦାବି କରିଛି ଓଡ଼ିଶା ବ୍ୟବସାୟୀ ମହାସଂଘ। ମାର୍କେଟର ଯେଉଁ ସ୍ଥାନରେ ଗହଳି ହେଉଛି, ସେସବୁ ସ୍ଥାନରେ ସ୍ୱତନ୍ତ୍ର ନଜର ରଖିବାକୁ ସଂଘ ଦାବି କରିଛି। ତେବେ ରାତ୍ରିକାଳୀନ କଟକଣା ଜାରି ରହିବା ସହ ସାଂସ୍କୃତିକ, ଧାର୍ମିକ, ରାଜନୈତିକ କଟକଣା ଜାରି ରହିପାରେ । ଅନ୍ୟପଟେ କେତେକ ରାଜ୍ୟରେ ସଂକ୍ରମଣ ବଢୁଥିବାରୁ ପାର୍ବଣ ପାଇଁ କଟକଣା ରହିବ । ଅଧିକ ଲୋକ ଏକାଠି ନହେବା ନେଇ କଟକଣା ଜାରି କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି ।

ଛାତ୍ରଛାତ୍ରୀଙ୍କୁ ସ୍ନାତକ ଶେଷ ସେମିଷ୍ଟାରର ମାର୍କସିଟ୍ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ପତ୍ର

ନୂଆ ଦିଲ୍ଲୀ/ ଭୁବନେଶ୍ୱର, ୩୦।୮(ପି.ଏନ): ଓଡ଼ିଶାରେ ସ୍ନାତକ(ୟୁଜି) ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କ କଲ୍ୟାଣ ଏବଂ କ୍ୟାରିୟରକୁ ଦୃଷ୍ଟିରେ ରଖି ସ୍ନାତକ ଶେଷ ସେମିଷ୍ଟାରର ପରୀକ୍ଷାର ଫାଇନାଲ ମାର୍କସିଟ୍ କିମ୍ବା ପ୍ରୋଭିଜିନାଲ ମାର୍କସିଟ୍ ଶୀଘ୍ର ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।କେନ୍ଦ୍ରମନ୍ତ୍ରୀ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଅଗଷ୍ଟ ମାସର ପ୍ରଥମ ଓ ଦ୍ୱିତୀୟ ସପ୍ତାହରେ ଛାତ୍ରଛାତ୍ରୀମାନେ ଅନଲାଇନ୍ ମାଧ୍ୟମରେ ୟୁଜି ଷଷ୍ଠ ସେମିଷ୍ଟାର ପରୀକ୍ଷା ଦେଇଥିଲେ। ଏହାର ଫଳାଫଳ ପ୍ରକାଶ ପାଇନଥିବାରୁ ଛାତ୍ରଛାତ୍ରୀମାନେ କଲେଜ୍ ଏବଂ ଓଡ଼ିଶା ଶିକ୍ଷା ବିଭାଗର ଅଧିକାରୀଙ୍କୁ ଏ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ । ଏହା ସତ୍ତ୍ୱେ ଏପର୍ଯ୍ୟନ୍ତ ସେମାନଙ୍କୁ ପ୍ରୋଭିଜିନାଲ ମାର୍କସିଟ୍ ଦିଆଯାଇନାହିଁ। ଅନେକ ବିଶ୍ୱବିଦ୍ୟାଳୟରେ ନାମ ଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ପରୀକ୍ଷା ଫଳ ପ୍ରକାଶ ପାଇବା ନେଇ ପରୀକ୍ଷାର୍ଥୀମାନେ ଆଶା ଆଶଙ୍କାରେ ରହିଛନ୍ତି । ପୂର୍ବରୁ ପ୍ରୋଭିଜିନାଲ ମାର୍କସିଟ୍ ମଧ୍ୟ ନ ମିଳିବା କାରଣରୁ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଉପରେ ଏହାର ପ୍ରଭାବ ପଡିବାର ଆଶଙ୍କା କରାଯାଉଛି। ପରୀକ୍ଷା ଫଳ ପ୍ରକାଶ ପାଇନଥିବାରୁ ଅନେକ ଛାତ୍ରଛାତ୍ରୀମାନେ ମିଜୋରାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଭାରଥିଆର ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବାରୁ ବଂଚିତ ହୋଇଛନ୍ତି । ମୁମ୍ବାଇ ବିଶ୍ୱବିଦ୍ୟାଳୟ, କୁମାଁଉ ବିଶ୍ୱବିଦ୍ୟାଳୟ ଭଳି ଅନେକ ବିଶ୍ୱବିଦ୍ୟାଳୟରେ ଆଡ଼ମିସନ ତାରିଖ ନିକଟବର୍ତୀ ହେଉଥିବାରୁ ଛାତ୍ରଛାତ୍ରୀମାନେ ନେଇ ଦ୍ୱନ୍ଦରେ ଅଛନ୍ତି। ଏହାସହ ରାଜ୍ୟ ବାହାରେ ଅଫଲାଇନ ମାଧ୍ୟମରେ ହେଉଥିବା ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରୁ ମଧ୍ୟ ବଂଚିତ ହେଉଛନ୍ତି ।ଏ ସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବ୍ୟକ୍ତିଗତ ହସ୍ତକ୍ଷେପ କରି ଛାତ୍ରଛାତ୍ରୀଙ୍କୁ ଷଷ୍ଠ ସେମିଷ୍ଟାରପରୀକ୍ଷା ଫଳର ଫାଇନାଲ ମାର୍କସିଟ୍ କିମ୍ବା ପ୍ରୋଭିଜିନାଲ ମାର୍କସିଟ୍ ଦେବା ପାଇଁ ଶ୍ରୀ ପ୍ରଧାନ ଅନୁରୋଧକରିଛନ୍ତି। ପ୍ରୋଭିଜିନାଲ ମାର୍କସିଟ୍ ଦିଆଗଲେ ପରୀକ୍ଷାର୍ଥୀମାନେ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସ୍ନାତକତୋର ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ସୁଯୋଗ ପାଇପାରିବେ ବୋଲି ଶ୍ରୀପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି।

ଗୋଟିଏ ଦିନରେ ୬୦୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୩୦।୮(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୬୦୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୦୭୧୧୨ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୯୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୯୯୧୬୩୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୫୨୮ ରହିଛି । ଆଜି ଚିହ୍ନଟ ହୋଇଥିବା ୬୦୯ ଜଣଙ୍କ ମଧ୍ୟରୁ ୩୫୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୫୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୦୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୧ ଜଣ, ବରଗଡ଼ରୁ ୪ ଜଣ, ଭଦ୍ରକରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୯, କଟକରୁ ୭୧, ଦେବଗଡ ଜିଲ୍ଲାରୁ ୧୦ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୩ ଜଣ, ଗଜପତି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ହୋଇଛନ୍ତି। ଗଞ୍ଜାମରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୦ ଜଣ, ଯାଜପୁରରୁ ୩୬ ଜଣ, ଝାରସୁଗୁଡ଼ାରୁ ୩ ଜଣ, କଳାହାଣ୍ଡିରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କନ୍ଧମାଳ ଜିଲ୍ଲାରୁ ୫ ଜଣ. କେନ୍ଦ୍ରାପଡ଼ାରୁ ୧୯ ଜଣ, କେନ୍ଦୁଝରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୦୯ ଜଣ, କୋରାପୁଟରୁ ୩ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୨୬ ଜଣ, ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ନୟାଗଡ଼ରୁ ୧୧ ଜଣ, ନୂଆପଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୨୦ ଜଣ, ରାୟଗଡ଼ାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୬ ଜଣ, ସୋନପୁରରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରୁ ୮ ଜଣ ଓ ଷ୍ଟେଟ୍ ପୁଲରୁ ୪୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ରାଜଧାନୀରେ ୨୪ ଘଂଟାରେ ୧୭୩ ପଜିଟିଭ୍

ଭୁବନେଶ୍ୱର,୩୦।୮ (ପି.ଏନ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ସୋମବାର ଦିନ ଆଉ ୧୭୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୪୮ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୨୫ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୨୫୮ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ଲୋକାଲ ମାମଲା ମଧ୍ୟରୁ ଓଲ୍ଟାଉନ୍ ରୁ ସର୍ବାଧିକ ୯ଜଣ ଆକ୍ରାନ୍ତ ଚିହ୍ନ ହୋଇଥିବା ବେଳେ ରସୁଲଗଡରୁ ୮ ଜଣ, ପୋଖରିପୁଟ ଓ ଖଣ୍ଡଗିରିରୁ ୭ ଜଣ ଲେଖାଏଁ, ୟୁନିଟ୍ ୧ ରୁ ୬ ଜଣ, ଝାରପଡା,ପଟିଆ ଓ ଡୁମଡୁମା ରୁ ୫ ଜଣ ଲେଖାଏଁ , ଜଗମୋହନ ନଗର ଓ ଚନ୍ଦ୍ରଶେଖରପୁର ରୁ ୪ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୬୭୩୨ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୧୦୨୪୬୨ କୁ ବୃଦ୍ଧି ପାଇଛି।

ହିଞ୍ଜିଳିର ସମସ୍ତ ୫୦ଟି ରୂପାନ୍ତରିତ ସରକାରୀ ସ୍କୁଲ ଲୋକାର୍ପିତ

ଭୁବନେଶ୍ୱର,୩୦।୮(ପି.ଏନ): ହିଞ୍ଜିଳିର ସମସ୍ତ ୫୦ଟି ରୂପାନ୍ତରିତ ସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି। ସୋମବାର ପଂଚମ ଓ ଶେଷ ପର୍ଯ୍ୟାୟରେ ସେ ଆଉ ୧୦ଟି ସ୍କୁଲକୁ ଆଜି ଲୋକାର୍ପିତ କରିଛନ୍ତି ।ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ସବୁ ଛାତ୍ରଛାତ୍ରୀ ମାନଙ୍କୁ ଜୀବନରେ ସଫଳ ହେବା ପାଇଁ ଶୁଭେଚ୍ଛା ଓ ଆଶୀର୍ବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ହିଞ୍ଜିଳି ଓ ଶେରଗଡରେ ୫ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ସହିତ କଥା ହୋଇଛନ୍ତି। ସେମାନଙ୍କ ମନୋଭାବକୁ ଲକ୍ଷ୍ୟ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପିଲାମାନଙ୍କ ମଧ୍ୟରେ ଏ ରୂପାନ୍ତର କାର୍ଯ୍ୟକ୍ରମ ଦୃଢ ଆତ୍ମବିଶ୍ୱାସ ସୃଷ୍ଟି କରିଛି ବୋଲି ସେ ଅନୁଭବ କରିଛନ୍ତି। ଏହି ନୂଆ ପରିବେଶ ପିଲାମାନଙ୍କ ମନରେ ମଧ୍ୟ ଏକ ରୂପାନ୍ତର ଆଣିପାରିଛି ବୋଲି ସେ କହିଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ । ପିଲାମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଲେ ଯେ ତୁମ ମାନଙ୍କ ଉପରେ ମୋର ପୁରା ଭରସା ଅଛି । ତୁମେ ମାନେ ଦିନେ ବଡ ହେବ ଓ ଭଲ କାମ କରି ଓଡିଆ ଜାତିର ଗୌରବ ବଢାଇବ, ଏ ବିଶ୍ୱାସ ଆମ ସମସ୍ତଙ୍କ ଭିତରେ ରହିଛି ମୁଖ୍ୟମନ୍ତ୍ରୀ କହିଥିଲେ, "ପିଲାମାନେ ତୁମେମାନେ ଆଗକୁ ବଢ, ମୋର ଶୁଭେଚ୍ଛା ଓ ଆଶୀର୍ବାଦ ସବୁବେଳେ ତୁମ ସାଥିରେ ରହିଛି।"ଏହି ଅବସରରେ ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏ ରୂପାନ୍ତର କାର୍ଯ୍ୟକ୍ରମ ଶିକ୍ଷକ ମାନଙ୍କ ଦାୟିତ୍ୱ ବଢାଇଛି । ପିଲାମାନେ ଯେପରି ଏହ ରୂପାନ୍ତର ସୁଯୋଗର ସଠିକ ଉପଯୋଗ କରିପାରିବେ, ସେଥିପ୍ରତି ଧ୍ୟାନ ଦେବା ସହିତ ପିଲା ମାନଙ୍କୁ ଠିକ୍ ଭାବରେ ଗାଇଡ କରିବାକୁ ମୁଖ୍ୟମନ୍ତ୍ରୀ ଶିକ୍ଷକ ମାନଙ୍କୁ ପରାମର୍ଶ ଦେଇଥିଲେ। ନିଜ ନିଜ ସ୍କୁଲର ଫଳାଫଳକୁ ଶତପ୍ରତିଶତ କରିବାପାଇଁ ଶିକ୍ଷକ ମାନଙ୍କ ମଧ୍ୟରେ ପ୍ରତିଯୋଗୀତା ହେଲେ, ସେ ଖୁସି ହେବେ ବୋଲି ପ୍ରକାଶ କରିଥିଲେ ।ଆଜି ଲୋକାର୍ପିତ ହୋଇଥିବା ବିଦ୍ୟାଳୟ ଗୁଡିକ ହେଲା -ସତ୍ୟଭାମା ବିଦ୍ୟାପୀଠ, ବଡଖଣ୍ଡି ପଂଚାୟତ; ମହାତ୍ମାଗାନ୍ଧୀ ହାଇସ୍କୁଲ, ଶେରଗଡ ପଂଚାୟତ ; ଖରିଡା ହାଇସ୍କୁଲ, ଖରିଡା ପଂଚାୟତ ; ରାମଚନ୍ଦ୍ରପୁର ହାଇସ୍କୁଲ, ରାମଚନ୍ଦ୍ରପୁର, ଶେରଗଡ଼ ; ମକରଝୋଳ ହାଇସ୍କୁଲ, ମକରଝୋଳ ପଂଚାୟତ ; ବରମୁଣ୍ଡୁଳି ହାଇସ୍କୁଲ, ବରମୁଣ୍ଡୁଳି ପଂଚାୟତ ;କାଞ୍ଜିଆମା ହାଇସ୍କୁଲ, କାଞ୍ଜିଆମା ତନହର ପଂଚାୟତ; ବାଳିକା ହାଇସ୍କୁଲ, ପିତଳ ପଂଚାୟତ ; ବ୍ରାହ୍ମଣଛାଇ ହାଇସ୍କୁଲ, ବ୍ରାହ୍ମଣଛାଇ ପଂଚାୟତ ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ, ପକିଡି, ଶେରଗଡ ପଂଚାୟତ ।ଏହି ୫ ଦିନ କାର୍ଯ୍ୟକ୍ରମରେ ପିଲାମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ସେମାନଙ୍କ ମନର ଖୁସି ବ୍ୟକ୍ତ କରିଥିଲେ। ଭବିଷ୍ୟତରେ ତୁମେ କଣ ହେବାକୁ ଚାହୁଁଛ ବୋଲି ମୁଖ୍ୟମନ୍ତ୍ରୀ ଯେତେବେଳେ ପଚାରିଥିଲେ, ସେମାନେ ସମସ୍ତେ କିଏ ଡାକ୍ତର, କିଏ ଇଂଜିନିଅର ତ କିଏ ଶିକ୍ଷକ, ଆଇ.ଏ.ଏସ୍ ?. ଆଇ.ପି.ଏସ୍ ? ଓ ସାମ୍ବାଦିକ ତଥା ବିଚାରପତି ହେବେ ବୋଲି କହିଥିଲେ । ସେମାନଙ୍କ ମନରେ ଆତ୍ମବିଶ୍ୱାସର ଝଲକ ଭରି ରହିଥିଲା । ସ୍କୁଲର ରୂପାନ୍ତର ସେମାନଙ୍କ ମାନସିକ ସ୍ତରରେ ଏକ ବଡ ପରିବର୍ତନ ଆଣିପାରିଛି । ସେମାନେ କହିଥିଲେ ଯେ ଆମେ ସମସ୍ତେ ବର୍ତମାନ ସରକାରୀ ସ୍କୁଲରେ ପଢୁଛୁ ବୋଲି ଗର୍ବ ଅନୁଭବ କରିପାରୁଛୁ । ମୁଖ୍ୟମନ୍ତ୍ରୀ ଆମ ମାନଙ୍କ ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି, ତାକୁ ପୂରଣ କରିବା ପାଇଁ ଆମେ ଆମର ଶ୍ରେଷ୍ଠ ଉଦ୍ୟମ କରିବୁ ବୋଲି ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିଶୃତି ଦେଇଥିଲେ ।

ଆସେଟ୍ ମନିଟାଇଜେସନ ପଲିସି ନାଁରେ ଦେଶର ସଂପତି ବିକିଛନ୍ତି ମୋଦି : କଂଗ୍ରେସ

ଭୁବନେଶ୍ୱର, ୩୦।୮(ପି.ଏନ): ମୋଦି ସରକାରଙ୍କର ମିଛ ବିକ୍ରୀ ପରେ ଏବେ ଦେଶର ସଂପତି ବିକ୍ରୀ ପର୍ବ ଆରମ୍ଭ ହେଲା। ଦେଶର ବିକାଶ ନାଁରେ ଗୁଡ଼ାଏ ମିଛ କହି ବିଗତ ୭ବର୍ଷ ଭିତରେ କେବଳ ବିନାଶର ପ୍ରକ୍ରିୟା ସୃଷ୍ଟି ହୋଇଛି। ସୋମବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ବରିଷ୍ଠ କଂଗ୍ରେସ ନେତା ପଂଚାନନ କାନୁନଗୋ, ମୁଖପାତ୍ର ରଜନୀ ମହାନ୍ତି ଓ ପ୍ରଶାନ୍ତ ଶତପଥିଙ୍କ ଉପସ୍ଥିତିରେ ସାମ୍ବାଦିକ ସମ୍ମିଳନୀ ଜରିଆରେ କେନ୍ଦ୍ର ସରକାରଙ୍କ ଆସେଟ ମନିଟାଇଜେସନ ପାଇପଲାଇନ ନାମରେ ରାଷ୍ଟ୍ରୀୟ ସଂପତି ବିକ୍ରୀକୁ କଡା ନିନ୍ଦା ଓ ସମାଲୋଚନା କରିଥିଲେ। ଏହି ଦୀର୍ଘ ବର୍ଷ ଭିତରେ କେନ୍ଦ୍ର ସରକାରଙ୍କ ବ୍ୟତୀତ ରାଜ୍ୟ ସୃଷ୍ଟି କରିଥିବା ସଂପତି ବିକ୍ରୀ ପାଇଁ ମୋଦି ସରକାର ଆସେଟ ମନିଟାଇଜେସନ ପାଇପଲାଇନ ଘୋଷଣା ନିଷ୍ପତି କରିଛନ୍ତି। ଏଥିରେ ସମୁଦ୍ର ପଥ, ବନ୍ଦର, ବିମାନ ବନ୍ଦର, ଜାତୀୟ ରାଜପଥ, ବିଦ୍ୟୁତ ସରବରାହ ବ୍ୟବସ୍ଥା, ପାନ୍ଥନିବାସ ଓ ଅନେକ ସରକାରୀ ଉଦ୍ୟୋଗ ଓ ମୂଲ୍ୟବାନ ଜମି ରହିଛି। ଓଡ଼ିଶାର ଗର୍ବ ଓ ଗୌରବ ତଥା ଓଡ଼ିଶାର ଅବଦାନରେ ତିଆରି ପାରଦ୍ୱିପ ବନ୍ଦର, ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର ଏବଂ ଅନେକ ପର୍ଯ୍ୟଟନସ୍ଥଳୀ ଏହି ସଂପତି ବିକ୍ରୀ ପ୍ରକ୍ରିୟାର ଅନ୍ତର୍ଭୁକ୍ତ। ଏ ବାବଦରେ କେନ୍ଦ୍ର ସରକାର ୬ ଲକ୍ଷ କୋଟି ଟଙ୍କା ଆସନ୍ତା ୪ ବର୍ଷରେ ପାଇବା ପାଇଁ ଲକ୍ଷ ଧାର୍ଯ୍ୟ କରିଛନ୍ତି। ଅର୍ଥାତ ବର୍ଷକୁ ମୋଦି ସରକାର ମାତ୍ର ଦେଢ଼ ଲକ୍ଷ କୋଟି ଟଙ୍କା ପାଇଁ ଭାରତୀୟ ରେଳପଥର ୪୦୦ ଷ୍ଟେସନ, ୯୦ ଯାତ୍ରୀବାହୀ ଟ୍ରେନ, ୧୫ଟି ରେଳ ଷ୍ଟାଡିୟମ, ୭୪୧ କି.ମି. କୋଙ୍କଣ ରେଲୱେ, ୧୪୦୦ କି.ମି. ରେଳ ଟ୍ରାକ, ୨୬୭୦୦ ଜାତୀୟ ରାଜମାର୍ଗ (ସଡ଼କପଥ), ୨୫ଟି ବିମାନ ବନ୍ଦର ଏବଂ ତତ୍‌ସଂଲଗ୍ନ ସଂପତି, ବିଦ୍ୟୁତ ବିତରଣ ପାଇଁ ଥିବା

ଟି ଟାଇମ୍

ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସିପାଲ।

ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

ପୁରାଣ କାହାଣୀ

ରାଜାଙ୍କ ଗର୍ବ ଖର୍ବ ହେଲା

ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି। ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋ ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

ରୋବଟ କରେ ହୋଟେଲ କାମ

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

ବାଲି ନିର୍ମିତ ହୋଟେଲ୍

ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ଼ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

ବୃଷ — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

ତୁଳା — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

ବିଛା — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

ଧନୁ — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

ମକର — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

କୁମ୍ଭ — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

ମୀନ — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

୩ ଫୁଟର ବର-କନ୍ୟା

କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।

ଜଷ୍ଟିସ ବୋବଡେଙ୍କ ବକ୍ତବ୍ୟ ଏବଂ ଆମ୍ବେଦକର ଓ ସଂସ୍କୃତ ଭାଷା ଉପରେ ବିତର୍କ

.....ଡ. ସମନ୍ୱୟ ନନ୍ଦ.....

ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଶରତ ବୋବଡେ ଡ. ଆମ୍ବେଦକରଙ୍କ ଜୟନ୍ତୀ ଦିନ ଏକ କାର୍ଯ୍ୟକ୍ରମରେ ଯୋଗଦେଇ

କହିଥିଲେ ଯେ ଭାରତରତ୍ନ ଡ. ଆମ୍ବେଦକର ଚାହୁଁଥିଲେ ଯେ ସଂସ୍କୃତ ଦେଶର ରାଜଭାଷା ହେଉ । ଏହାକୁ ନେଇ ସେ ଅନେକ ପ୍ରୟାସ କରିଥିଲେ । ହେଲେ ତାଙ୍କର ପ୍ରୟାସ ସଫଳ ହୋଇ ପାରି ନ ଥିଲା । ସେ ନାଗପୁର ସ୍ଥିତ ମହାରାଷ୍ଟ୍ର ଲ ୟୁନିଭର୍ସିଟିର ଏକାଡେମିକ ବିଲ୍ଡିଂର ଉଦ୍‌ଘାଟନ ଅବସରରେ ଉଦ୍‌ବୋଧନ ଅବସରରେ ସେ ଏହା କହିଛନ୍ତି ।

ନ୍ୟାୟମୂର୍ତ୍ତି ବୋବଡେ ଯାହା କହିଛନ୍ତି ତାହା ଅକ୍ଷରେ ଅକ୍ଷରେ ସତ୍ୟ । ହେଲେ ତାଙ୍କର ଏହି ବକ୍ତବ୍ୟ ପରେ ପୁଣି ଥରେ ସଂସ୍କୃତ ବିରୋଧୀ ତଥା ଭାରତ ବିରୋଧୀ ଲବି ସକ୍ରିୟ ହୋଇଯାଇଛି ଓ ଏହାକୁ ଭୁଲ ବୋଲି ପ୍ରମାଣିତ କରିବାକୁ ଯାଇ ବିଭିନ୍ନ ପ୍ରକାର ଅପପ୍ରଚାର ଆରମ୍ଭ କରି ଦେଲେଣି ।

ଏହି ଆଲେଖ୍ୟରେ ଆମେ ବାବା ସାହେବ ସଂସ୍କୃତକୁ କେତେ ଭଲ ପାଇଥିଲେ ତା' ଉପରେ ଆଲୋଚନା କରିବା । ଆମ୍ବେଦକରଙ୍କର ସଂସ୍କୃତ ଭାଷା ପ୍ରତି ଗଭୀର ପ୍ରେମ ଥିଲା । କିନ୍ତୁ ସେ ତଥାକଥିତ ଅସ୍ପୃଶ୍ୟ ବର୍ଗରେ ଜନ୍ମ ନେଇଥିବା କାରଣରୁ ତାଙ୍କୁ ସଂସ୍କୃତ ପଢିବାକୁ ଦିଆଯାଇ ନ ଥିଲା । ସଂସ୍କୃତରେ ପାରଙ୍ଗମ ହେବାକୁ ତାଙ୍କର ପ୍ରବଳ ଇଚ୍ଛା ଥିଲା । ପରବର୍ତ୍ତୀ ସମୟରେ ସେ ନିଜ ଚେଷ୍ଟାରେ ସଂସ୍କୃତ ଶିଖିଥିଲେ । ସଂସ୍କୃତର ଅପାର ଜ୍ଞାନ ଭଣ୍ଡାର ଓ ଉତ୍କୃଷ୍ଟ ସାହିତ୍ୟ ସମ୍ପର୍କରେ ତାଙ୍କର ଭଲ ଜ୍ଞାନ ଥିଲା ।

ଡ. ଆମ୍ବେଦକରଙ୍କର ସଂସ୍କୃତ ଶିଖିବା ଇଚ୍ଛା ସମ୍ପର୍କରେ ତାଙ୍କର ଜୀବନୀ ଲେଖକ ଧନଂଜୟ କୀର ଉଲ୍ଲେଖ କରିଛନ୍ତି । ସେ ଲେଖିଛନ୍ତି-ବାବାସାହେବ ଅନେକ ଥର କହୁଥିଲେ ଯେ ସଂସ୍କୃତ ଭାଷାର ଅଭିମାନ ଥିବା କାରଣରୁ ତାଙ୍କୁ ସଂସ୍କୃତ ଭାଷା ଭଲ ଭାବେ ଆସିବା ଦରକାର, ଏହି ଅଭିଳାଷ ତାଙ୍କର ରହିଥିଲା । ତେବେ ଦେଖିବାକୁ ପଡିବ ଏହି ସୁଦିନ କେବେ ଆସିବ ! **(ଡ. ବାବାସାହେବ ଆମ୍ବେଦକର, ପୃଷ୍ଠା-୨୨ ପରିଶିଷ୍ଟ ୧)**

ଖୁବ କମ୍ ଲୋକଙ୍କୁ ଜଣା ଯେ ସମ୍ବିଧାନ ସମିତିରେ ଜାତୀୟ ଭାଷା ଓ ରାଜ୍ୟ ବ୍ୟବହାର ପାଇଁ ଅଧିକୃତ ଭାଷା ସହିତ ସମ୍ପର୍କିତ ଅନୁଚ୍ଛେଦରୁ ସଂସ୍କୃତକୁ ଜାତୀୟ ଓ ରାଜ୍ୟ ବ୍ୟବହାରର ଭାଷା ଭାବେ ରଖିବା ପାଇଁ ସୁପାରିଶ କରାଯାଇଥିଲା । ଯେଉଁମାନେ ଏଭଳି ସୁପାରିଶ କରିଥିଲେ ସେମାନଙ୍କ ମଧ୍ୟରେ ଲକ୍ଷ୍ମୀକାନ୍ତ ମୈତ୍ର, ଟି.ଟି. କୃଷ୍ଣାମାଚାରୀ, ଡା. ବାଳକୃଷ୍ଣ କେସକର (ତତ୍କାଳୀନ ବୈଦେଶିକ ଉପମନ୍ତ୍ରୀ), ପ୍ରୋଫେସର ନଜିରୁଦ୍ଦିନ ଅହମଦ, ଡ. ଆମ୍ବେଦକର ତଥା ମାଡ୍ରାସ, ତ୍ରିପୁରା-ମଣିପୁର-କୁର୍ଗ ପ୍ରାନ୍ତର ସଦସ୍ୟମାନେ ଥିଲେ ।

ଯେତେବେଳେ ଏ ସମ୍ପର୍କରେ ସାମ୍ବାଦିକ ମାନେ ଡ. ଆମ୍ବେଦକରଙ୍କୁ ପଚାରିଥିଲେ ସେତେବେଳେ ସେ କହିଥିଲେ – ସଂସ୍କୃତରେ କ'ଣ ଦୋଷ ରହିଛି ? ପ୍ରୋ. ନଜିରୁଦ୍ଦିନ କହିଥିଲେ ଯେ-ଡବଲ୍ୟୁ ସି.ଟେଲର, ମ୍ୟାକ୍ସମୁଲର, ଉଇଲିୟମ ଜୋନ୍ସଙ୍କ ପରି ପାଶ୍ଚାତ୍ୟ ବିଦ୍ୱାନମାନଙ୍କୁ ଉଦ୍ଧୃତ କରି ସଂସ୍କୃତ ଭାଷାର ଅତୁଳନୀୟ ସମୃଦ୍ଧି ଓ ଶୁଦ୍ଧତା ସମ୍ପର୍କରେ କହି ଏହା ଲାଟିନ ଓ ଗ୍ରୀକ୍ ଭାଷା ଠାରୁ କେତେ ଶ୍ରେଷ୍ଠ, ତା'ର ପ୍ରମାଣ ଦେଇଥିଲେ ।

ଏହି ଅବସରରେ ଲକ୍ଷ୍ମୀକାନ୍ତ ମୈତ୍ର ଏହି ସଂଶୋଧନକୁ ଜୋରଦାର ସମର୍ଥନ କରି ଆଉ ଏକ ପ୍ରସଙ୍ଗ ଉଠାଇଥିଲେ । ସେ କହିଥିଲେ ଯେ ହିନ୍ଦୀ ଭଳି କୌଣସି ବିଶିଷ୍ଟ ରାଜ୍ୟର ଭାଷାକୁ ଜାତୀୟ ଭାଷାର ମାନ୍ୟତା ପ୍ରଦାନ କଲେ ଅନ୍ୟ ରାଜ୍ୟମାନଙ୍କ ମଧ୍ୟରେ ଯେଉଁ ସନ୍ଦେହ ଓ କଟୁତା ତିଆରି ହେବାର ଆଶଙ୍କା ରହିଛି, ସଂସ୍କୃତକୁ ଏହା ସ୍ଥାନରେ ରଖିଲେ ଉକ୍ତ ସନ୍ଦେହ ଓ କଟୁତାକୁ ଦୂର କରାଯାଇ ପାରିବ । ସଂସ୍କୃତକୁ ତା'ର ଉପଯୁକ୍ତ ମାନ୍ୟତା ଦେଇ ଆମେ ବିଶ୍ୱକୁ ଜଣାଇ ଦେଇପାରିବା ଯେ ଆମେ ଆମର ଅତୀତର ବୈଭବକୁ କେତେ ଆଦର ଓ ସମ୍ମାନ କରୁଛୁ ଏବଂ ସମଗ୍ର ବିଶ୍ୱକୁ ଆମର ପ୍ରାଚୀନ ସଂସ୍କୃତିର ଆଧ୍ୟାତ୍ମିକ ବାର୍ତ୍ତା ପ୍ରଦାନ ପାଇଁ ଇଚ୍ଛା କରୁଛୁ । ସଂସ୍କୃତକୁ ସ୍ୱୀକାର କରି ଆମେ ଭାବୀ ପୀଢୀର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରି ପାରିବା ।

ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଡ. ଆମ୍ବେଦକରଙ୍କ ଦ୍ୱାରା ସଂସ୍କୃତ ଭାଷା ସମ୍ପର୍କରେ ଅଣାଯାଇଥିବା ସଂଶୋଧନ ପ୍ରସ୍ତାବକୁ ସ୍ୱୀକାର କରାଯାଇ ନ ଥିଲା । ସଂସ୍କୃତ ଭାଷାକୁ କେବଳ ଅଷ୍ଟମ ଅନୁସୂଚୀରେ ଏକ ଭାରତୀୟ ଭାଷାର ମାନ୍ୟତା ଦିଆଯାଇଥିଲା ।

ଡ. ଆମ୍ବେଦକରଙ୍କର ଇଚ୍ଛା ଥିଲା ଯେ ସଂସ୍କୃତକୁ ରାଷ୍ଟ୍ରଭାଷା କରିବା ବିଷୟରେ ୧୦ ଡିସେମ୍ବର ୧୯୪୯ରେ ତାଙ୍କର ସଂଗଠନ ଶେତକାରୀ କାମଗାର ସଙ୍ଗଠନର କାର୍ଯ୍ୟକାରୀ ମଣ୍ଡଳରେ ଏକ ପ୍ରସ୍ତାବ ଗୃହୀତ କରାଯାଉ । କିନ୍ତୁ ସେତେବେଳେ ବି.ପି. ମୌର୍ଯ୍ୟଙ୍କ ପରି ଯୁବ ସଦସ୍ୟମାନଙ୍କର ବିରୋଧ କାରଣରୁ ଏହା ସମ୍ଭବ ହୋଇପାରି ନ ଥିଲା । ଏହି ଘଟଣାର ଦୀର୍ଘଦିନ ପରେ ବି.ପି. ମୌର୍ଯ୍ୟ ଦୁଃଖ ପ୍ରକଟ କରି କହିଥିଲେ ଯେ ସେତେବେଳେ ସେ ଡ. ଆମ୍ବେଦକରଙ୍କର ସଂସ୍କୃତ ଭାଷା ସମ୍ପର୍କିତ ପ୍ରସ୍ତାବର ବିନା କୌଣସି କାରଣରେ ବିରୋଧ କରିଥିଲେ ।

ଡ. ଆମ୍ବେଦକରଙ୍କ ସ୍ପଷ୍ଟ ମତ ଥିଲା ଯେ ସଂସ୍କୃତକୁ ରାଜଭାଷା କଲେ ଦେଶର କୌଣସି ଭାଷାଭାଷୀ ଲୋକମାନେ ଏହାକୁ ବିରୋଧ କରିବେ ନାହିଁ ତଥା ଏହା ଦେଶକୁ ଏକ କରିବାରେ ସଫଳ ହେବ । ତେବେ ଏହା ଭିନ୍ନ ବିଷୟ ଯେ ତାଙ୍କର ଏହି ପ୍ରୟାସ ସଫଳ ହୋଇ ପାରି ନ ଥିଲା ।

ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ବୋବଡେ ପୁଣି ଥରେ ଆମ୍ବେଦକର ଜୟନ୍ତୀ ଅବସରରେ ତାଙ୍କର ସଂସ୍କୃତ ଭାଷାକୁ ସେ କିପରି ରାଜଭାଷା କରିବାକୁ ଚାହୁଁଥିଲେ ସେହି ପ୍ରସଙ୍ଗକୁ ଉଠାଇ ଏକ ଭଲ କାମ କରିଛନ୍ତି । ଏହାଦ୍ୱାରା ଯଦିଓ ନିଜକୁ ଲିବେରେଲ୍-ସେକୁଲାର କହୁଥିବା ଲୋକମାନେ ତାଙ୍କୁ ଭୁଲ କହୁଥିବା ଅଭିଯୋଗ କରୁଛନ୍ତି ତଥାପି ସେ ସଂସ୍କୃତ ଭାଷାର କେତେ ମହତ୍ୱ ରହିଛି ଓ ଆମ୍ବେଦକର ଏହାକୁ କିପରି ବୁଝିଥିଲେ ଏହାକୁ ନେଇ ବିତର୍କ ପୁଣି ଥରେ ଆରମ୍ଭ ହୋଇପାରିଛି । ପୁଣି ଥରେ ଲୋକମାନେ ଆମ୍ବେଦକରଙ୍କ ଭାଷଣ, ତାଙ୍କର ଲେଖା ପଢିବା ଆରମ୍ଭ କଲେଣି । ଏହି ବିତର୍କକୁ ପୁଣି ଥରେ ଆରମ୍ଭ କରାଇଥିବାରୁ ମୁଖ୍ୟ ନ୍ୟାୟାଧୀଶ ବୋବଡେଙ୍କୁ ଧନ୍ୟବାଦ ଦେବାକୁ ପଡିବ ।

ପିଲାଙ୍କ ପାଠପଢାରେ ଅଭିଭାବକଙ୍କ ଦାୟିତ୍ୱ

ସନ୍ଧ୍ୟାବେଳେ ମୁଁ ବଜାରରୁ ଫେରୁଥିଲି । ଅଚାନକ ପହଲି ବାବୁ ବାଟରେ ଦେଖାହେଲେ । ହସି ହସି ସେ କହିଲେ "ବହୁ ଦିନ ପରେ ଦେଖା ହେଲା । କ'ଣ ଭଲ ଅଛନ୍ତି ତ ? ମୁଁ କହିଲି ହଁ ଏ "କୋଭିସିଲଡ" ଟିକା ନେଇ ଫେରୁଛି । ମିଳାମିଶା, ଦେଖାଚାହିଁ, ହସଖୁସି ସବୁତ ଛଡେଇ ନେଲା ଏ କରୋନା । ପୁଣି ବି ଦ୍ୱିତୀୟ ଲହର ମାଡି ଆସିଲାଣି । ଦେଖାଯାଉ କ'ଣ ହେଉଛି ?

ପହଲିବାବୁ କହିଲେ ଆଉ ସେ କଥା କୁହନ୍ତୁନି ଆଜ୍ଞା । ବ୍ୟବସାୟ ଯାହା କ୍ଷତିରେ ଚାଲିଛି ଛାଡ । ସବୁଠାରୁ ବଡ କ୍ଷତି ମୋ ଝିଅ ଆଦୌ ପାଠ ପଢୁନି । ବଡଭାଇ ଝିଅ ଡାକ୍ତରି ପାସ କରି ସରକାରୀ ମେଡିକାଲରେ ଚାକିରି କରୁଛି । ହେଲେ ମୋ ଭାଗ୍ୟ ତ ଖରାପ । ମୁଁ ମୋ ଝିଅକୁ ଆମ ଅଞ୍ଚଳର ସବୁଠାରୁ ଭଲ ଇଂରାଜୀ ମିଡିୟମ ସ୍କୁଲରେ ଆଡମିସନ୍ କରିଥିଲି । ଦୁଇ ଦୁଇଟା ଟ୍ୟୁସନ ମଧ୍ୟ ଯୋଗାଇଦେଇଛି । ହେଲେ ପାଠପଢାଟା ଆଶାନୁରୂପକ ହୋଇପାରୁନି । ମୁଁ କହିଲି ପଇସା ଦେଇ ପାଠ କିଣାଯାଇ ପାରେନା । ଆଉ ସହଜେ ଏ କରୋନା ସମୟରେ ଅନ ଲାଇନ କ୍ଲାସ ଚାଲୁଛି । ସେଥିପାଇଁ ସାରା ବିଶ୍ୱରେ ପିଲାମାନଙ୍କର ପାଠପଢା ଠିକ୍ ଭାବରେ ଚାଲିପାରୁନି ।

ହେଲେ ଆପଣ ଜଣେ ସଚେତନ ଅଭିଭାବକ ଭାବେ ଆପଣ ନିଜେ ନିଷ୍ଠାର ସହିତ କେତେ ସମୟ ଆପଣଙ୍କ କନ୍ୟାପାଇଁ ଦେଇଛନ୍ତି । ଯଦି ଦେଇନାହାନ୍ତି ଆଶା କରିବାଟା ହିଁ ନିରର୍ଥକ । ପହଲିବାବୁ ମୋ ପ୍ରଶ୍ନରେ ଖୁସି ନଥିଲେ । ଆଉ ସେ କହିଲେ ଯେଉଁ ପିତାମାତାମାନେ ମୂର୍ଖ ସେମାନେ କ'ଣ ସେମାନଙ୍କ ପିଲାଙ୍କୁ ପଢାଇପାରନ୍ତି ? ସେମାନେ ଘରେ ରହି ଭଲ ପାଠ ପଢି ବଡ ବଡ ଅଫିସର କେମିତି ହେଉଛନ୍ତି ! ମୁଁ କହିଲି ପାଠପଢା ପାଇଁ ସୁନ୍ଦର ବାତାବରଣ ଆବଶ୍ୟକ । ଆଉ ପାଠ ପଢାଇବାଠାରୁ ପାଠ ପ୍ରତି ଆଗ୍ରହ ସୃଷ୍ଟି କରିବା ସବୁଠାରୁ ବଡ କଥା ।

କେତେକ ବିଶ୍ୱପ୍ରସିଦ୍ଧ ଗୁରୁ ସେମାନଙ୍କ ଛାତ୍ରଛାତ୍ରୀ ମାନଙ୍କ ମନରେ ଘୋର ପରିବର୍ତ୍ତନ ଆଣିଥିଲେ । ସେମାନଙ୍କ ଚରିତ୍ର ନିର୍ମାଣ କରିବା ସଙ୍ଗେ ସଙ୍ଗେ ସ୍ୱୟଂସମ୍ପନ୍ନ ମନୁଷ୍ୟ ରୂପେ ଗଢିତୋଳିଥିଲେ । ସେମାନେ ହେଲେ ଗୁରୁ ରାମ ଦାଶ (ଶିବାଜୀ), ଚାଣକ୍ୟ (ଚନ୍ଦ୍ରଗୁପ୍ତ), ରାମକୃଷ୍ଣ ପରମହଂସ (ବିବେକାନନ୍ଦ), ଆରିଷ୍ଟୋଟଲ (ଆଲେକଜାଣ୍ଡାର) ଓ ମାଥୁ ଲେଏର (ଏପିଜେ ଅବଦୁଲ କଲାମ)ଙ୍କୁ ବିଶ୍ୱର ସଫଳତା ଆଣି ଦେଇଥିଲେ ।

ଏପିଜେ ଅବଦୁଲ କଲାମ "ଏ ଉଇଙ୍ଗସ ଅଫ ଫାୟାର"ରେ ଲେଖିଥିଲେ- ଯେତେବେଳେ ତାଙ୍କୁ ପାଞ୍ଚ ବର୍ଷ ହୋଇଥିଲା ସେତେବେଳେ ତାଙ୍କ ପ୍ରାଇମେରି ଶିକ୍ଷକ 'ମାଥୁ ଲେଏର' ଆଗକୁ ଯିବାର ଦିଗ୍‌ଦର୍ଶନ ଦେଇଥିଲେ । ମହାବୀର ଫୋଗାଟ ରେସିଲଙ୍ଗ ଚମ୍ପିଆନ୍ ହେବାକୁ ଚାହିଁ ଅସଫଳ ହୋଇଥିଲେ । ହେଲେ ସେ ତାଙ୍କ କନ୍ୟାକୁ ଏଭଳି ପ୍ରଶିକ୍ଷଣ ଦେଲେ ଗୀତା ଓ ବବିତା ବିଶ୍ୱପ୍ରସିଦ୍ଧ ରେସଲରର ସୁନାମ ଅର୍ଜନ କରିପାରିଥିଲେ । ଭାରତର ୧୫ ବର୍ଷ ବାଳିକା ପାଇଲଟ୍ ରୂପେ ଆୟେସା ଅଜିଦ ସୁନାମ ଅର୍ଜନ କରିଛନ୍ତି । ଗିନିସ ବୁକ ଅଫ୍ ୱାଲଡ ରେକଡ୍ ଅନୁଯାୟୀ ବିଶ୍ୱର ସବୁଠାରୁ କମ୍ ବର୍ଷର ଡାକ୍ତର ରୂପେ ବାଲ ମୁରାଲି ଅମ୍ବାଟି ମାତ୍ର ୧୮ ବର୍ଷ ବୟସରେ ଏ ସଫଳତା ହାସଲ କରିପାରିଥିଲେ । ତାଙ୍କ ବାପା ତାମିଲନାଡୁର ଭେଲୋରରେ ଇଞ୍ଜିନିଅର ଓ ମା' ଗଣିତ ଶିକ୍ଷକ ରୂପେ କାର୍ଯ୍ୟ କରୁଥିଲେ । ସଫଳତା ପାଇଁ ଅମ୍ବାଟି ତାଙ୍କ ବାପା ମା'ଙ୍କୁ ଶ୍ରେୟ ଦିଅନ୍ତି । ତେଣୁ ପହଲିବାବୁ ପାଠପଢା ପାଇଁ କୋଠାଘର, ଏସି ରୁମ, ସୋଫା ସେଟ୍, ଟେଲିଭିଜନ, ମଡନ୍ ବାଇକର ଆବଶ୍ୟକତାଠାରୁ ଶାନ୍ତ ସୁନ୍ଦର କୋଳାହଳମୁକ୍ତ ବାତାବରଣ ଦରକାର । ନିନ୍ଦା ଅପେକ୍ଷା ପ୍ରଶଂସା, ଅନାଦର ଅପେକ୍ଷା ଆଦର । ସମାଲୋଚନା ଅପେକ୍ଷା ପିଲାମାନେ ଏକାନ୍ତରେ ଗଠନମୂଳକ ଆଲୋଚନାକୁ ପସନ୍ଦ କରନ୍ତି । ତେଣୁ ନିରୁତ୍ସାହିତ କରିବା ପରିବର୍ତ୍ତେ ପିଲାମାନଙ୍କୁ ଉତ୍ସାହିତ କରନ୍ତୁ ।

ପାଠପଢା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ବିଭିନ୍ନ ପତ୍ରପତ୍ରିକା, ବଡଲୋକଙ୍କ ଜୀବନି, ଡ୍ରଇଙ୍ଗ ବୁକ୍, କଲର ପେନସିଲ ଆଦି ପିଲାମାନଙ୍କୁ ଯୋଗାଇ ଦିଅନ୍ତୁ । ତା'ସହିତ ତା'ର ସୁବିନିଯୋଗ ପ୍ରତି ଧ୍ୟାନ ଦିଅନ୍ତୁ ।

ଅବସର ସମୟରେ ଚିତ୍ର ଆଙ୍କିବା, ଗଳ୍ପ, କବିତା, ପ୍ରବନ୍ଧ ଲେଖିବାକୁ ପିଲାମାନଙ୍କୁ ପ୍ରେରଣା ଦିଅନ୍ତୁ । ଏତଦ୍‌ବ୍ୟତିତ ସେଗୁଡିକୁ ସମ୍ବାଦପତ୍ରର ଶିଶୁ ସାହିତ୍ୟ ବିଭାଗକୁ ବା ଭିନ୍ନ ଭିନ୍ନ ଶିଶୁ ଓ କିଶୋର ମାଗାଜିନ୍‌କୁ ପଠାନ୍ତୁ । ଏହାଦ୍ୱାରା ପିଲାମାନଙ୍କର ସୃଜନଶୀଳତା ବୃଦ୍ଧି ପାଇବ । ପିତାମାତାଙ୍କ ଆଚରଣ ଓ ବ୍ୟବହାର ପିଲାମାନଙ୍କ ଉପରେ ବହୁଳ ପ୍ରଭାବ ପକାଏ । ଘର ପରିବେଶକୁ ଗାଳିଗୁଲଜ ଓ ପାଟିତୁଣ୍ଡଠାରୁ ଦୂରେଇ ରଖିବା ଉଚିତ । ଅଭିଭାବକମାନେ ଟିଭିଦେଖା କମ୍ କରି ବିଭିନ୍ନ ବହି ପଢିଲେ ଏକ ଶିକ୍ଷାର ମହଲ ସୃଷ୍ଟି କରିବ । ପିଲାମାନଙ୍କୁ ମଧ୍ୟ ବଡ ଲୋକ ଜୀବନୀ ଓ ସଫଳତାର ମାର୍ଗ ବିଷୟରେ ଜଣାଇବା ଦରକାର । ଏପରି କଲେ ସେମାନଙ୍କର ପଠନ ଓ ଲିଖନ ପ୍ରତି ଆଗ୍ରହ ସୃଷ୍ଟି ହେବ ।

ଅନ୍‌ଲାଇନ କ୍ଲାସ ପାଇଁ ବ୍ୟବହୃତ ହେଉଥିବା ମୋବାଇଲ ବ୍ୟବହାର ଅପବ୍ୟବହାର ପ୍ରତି କଡା ନଜର ଦେବା ଉଚିତ । ବିଶେଷ ଧ୍ୟାନ ଦିଅନ୍ତୁ ସର୍ବୋତ୍ତମ ବ୍ୟବହାର ଯେପରି ହୋଇପାରେ ।

ପାଠ ପଢିବାର ମୂଳ ଉଦ୍ଦେଶ୍ୟ ଖାଲି ବଡ ଅଫିସର ନୁହେଁ ଜଣେ ଭଲ ମଣିଷ ହେବା ଦରକାର । ସେଥିପାଇଁ ଚରିତ୍ର ନିର୍ମାଣ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍ । ସୁନ୍ଦର ମନ ହେଲେ ସୁନ୍ଦର ବ୍ୟବହାର ହେବ । ସୁନ୍ଦର ବ୍ୟବହାର ହେଲେ ସମସ୍ତେ ଆଦର କରିବେ । ସେଥିପାଇଁ କହନ୍ତି-***"ନମ୍ରନ୍ତି ଗୁଣିନା ଜନାଃ/ନମନ୍ତି ଫଳିନା ବୃକ୍ଷା ।"*** ପରିସ୍ଥିତି ସହିତ ଖାପ ଖୁଆଇ ଚଳିବାକୁ ପଡିବ । ପ୍ରତିକୂଳ ପରିସ୍ଥିତିକୁ ସାମ୍ନାକରି ଅନୁକୂଳ ପରିସ୍ଥିତି ସୃଷ୍ଟି କରିବାକୁ ପଡିବ । ତେଣୁ ଅଭିଭାବକମାନେ ନିଜ ପିଲାମାନଙ୍କ ଭିତରେ ଛୁପି ରହିଥିବା ସୁଗୁଣାବଳୀର ସନ୍ଧାନ କରନ୍ତୁ । ଯଦି ତାହାର ବିକାଶ ହୋଇପାରିବ, ନିଶ୍ଚିତ ଭାବରେ ଆପଣ ଖୁସି ହେବେ । ତେଣୁ ପହିଲେ ଆପଣ ଆପଣଙ୍କ ପିଲାର ଜ୍ଞାନକୌଶଳ ବୃଦ୍ଧି କରିବା ପାଇଁ ଚେଷ୍ଟା କରନ୍ତୁ । ଦେଖିବେ ସଫଳତାର ଶୀର୍ଷରେ ଥିବେ ଆପଣଙ୍କ ପିଲାମାନେ । ନିଶ୍ଚିତ ରୂପେ ଆପଣ ଖୁସି ହେବେ । ତେଣୁ କଥାରେ କହନ୍ତି-ସତ୍‌ଚେଷ୍ଟା ଓ ନିରବଚ୍ଛିନ୍ନ ସାଧନା ସଫଳତା ଆଣିଦେବାରେ ସହାୟକ ହୁଏ ।

ଅକ୍ଷୟ ପଣ୍ଡା, ଆଳି, ଲୋକାପଡା,
ମୋ: ଫୋନ୍-୯୩୩୭୪୯୨୩୦୭

ତୁଳସୀ ଦୁଇ ପତ୍ରରୁ ବାସେ: ନିରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର (ପିଏନ୍)- ଧନୀ ସାଧାରଣତଃ ଦୁଇପ୍ରକାର ଥାଆନ୍ତି । କେତେକ ଧନ ସଂଗ୍ରହ କରି ନିଜର ଓ ନିଜ ପିଲା-ପରିବାର ପାଇଁ ସାଇତି ରଖିଥାନ୍ତି । ଆଉ କେତେକ ନିଜ ଅର୍ଜିତ ଧନକୁ ଅନ୍ୟର ସେବାରେ ବିନିଯୋଗ କରିଥାନ୍ତି । ସେହି ଦୃଷ୍ଟିରୁ ଦେଖିଲେ ଓଡ଼ିଶାରେ ବହୁ ଧନୀଲୋକ ଅଛନ୍ତି । କିନ୍ତୁ ନିଜ ଅର୍ଜିତ ଧନକୁ ସାଧାରଣ ଲୋକଙ୍କ ସେବାରେ ବିନିଯୋଗ କରିବା ଭଳି ହୃଦୟବାନ ଧନୀଲୋକଙ୍କ ସଂଖ୍ୟା କମ୍ । ସନ୍ତୁ (ଶ୍ରଦ୍ଧେୟ ସୁବ୍ରତ ବାଗ୍‌ଚି) ଓ ତା'ର ସହଧର୍ମୀଣୀ ବିଶିଷ୍ଟ ଲେଖିକା ସୁସ୍ମିତା ନିସ୍ୱାର୍ଥପର ତ୍ୟାଗର ଯେଉଁ ଉଚ୍ଚ ଆଦର୍ଶ ଦେଖାଇଲେ ତାହା ସମସ୍ତଙ୍କ ପାଇଁ ଶିକ୍ଷଣୀୟ ବୋଲି ଆଜିର ପ୍ରେସ ବାର୍ତ୍ତାରେ ପିସିସି ସଭାପତି ଶ୍ରୀଯୁକ୍ତ ନିରଂଜନ ପଟ୍ଟନାୟକ କହିଛନ୍ତି । ସେ କହିଛନ୍ତି ଓଡ଼ିଶାରେ ଅତୀତରେ ଯେଉଁ ମହାନ ସହୃଦୟ ବ୍ୟକ୍ତିମାନେ ଜନସେବା ପାଇଁ ତ୍ୟାଗ କରିଛନ୍ତି, ଆଜି ସନ୍ତୁ ଓ ତା'ର ପତ୍ନୀ ଓଡ଼ିଶାରେ କ୍ୟାନସର ହସ୍‌ପିଟାଲ ପ୍ରତିଷ୍ଠା ପାଇଁ ୩୪୦ କୋଟି ଟଙ୍କା ପ୍ରଦାନ କରି ସେହି ମହାନ ତ୍ୟାଗୀମାନଙ୍କ ମେଳରେ ସାମିଲ ହୋଇଗଲେ । ସୁବ୍ରତଙ୍କ ପରିବାର ସହ ଶ୍ରୀ ପଟ୍ଟନାୟକଙ୍କର ଅନେକ ବର୍ଷର ସମ୍ପର୍କ । ସୁବ୍ରତ ବା ସନ୍ତୁଙ୍କୁ ସେ ସାତ-ଆଠ ବର୍ଷ ବୟସରୁ ଜାଣିଛନ୍ତି । ପିଲାଟି ବେଳୁ ଆଭାସ ମିଳୁଥିଲା ଯେ ଶ୍ରୀ ବାଗ୍‌ଚୀ ଦିନେ ସଫଳତାର ଶୀର୍ଷକୁ ଛୁଇଁବେ । ପିଲାଦିନରୁ ଶାନ୍ତ, ସରଳ ଓ ବିଚାରବନ୍ତ ଥିବା ଶ୍ରଦ୍ଧେୟ ସନ୍ତୁ ଜୀବନରେ ଅନେକ ପ୍ରତିଷ୍ଠା ପାଇବା ସହ ପରୋପକାରୀ ହେବେ ବୋଲି ଯେଉଁ ଆଭାସ ମିଳୁଥିଲା, ତାହା ଆଜି ସତରେ ପରିଣତ ହୋଇଛି । ମାଉସୀ (ସନ୍ତୁଙ୍କ ମା') ଯଥାର୍ଥରେ ଥିଲେ ରତ୍ନଗର୍ଭା । ମାଉସୀଙ୍କ ଆଖିକୁ ଭଲକି ଦେଖାଯାଉନଥିଲେ ମଧ୍ୟ ସେ ପରିବା କାଟି, ରୋଷେଇ କରି ଏପରି ସୁସ୍ୱାଦ ଖାଦ୍ୟ ଶ୍ରଦ୍ଧାରେ ପରସି ଦିଅନ୍ତି ତାହା ଆମମାନଙ୍କ ପାଇଁ ଅଭୁଲା ସ୍ମୃତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ତାଙ୍କର ବଡ଼ ପୁଅ ଦେବୀପ୍ରସାଦ ରାଜ୍ୟର ମୁଖ୍ୟ ଶାସନ ସଚିବ ଥିଲେ । ଅମିତାଭ ଉଚ୍ଚକୋଟୀର ଆଇନଜୀବି ଓ ଯୁବନେତାର ସମ୍ମାନ ପାଇବା ପରେ ସନ୍ୟାସ ଗ୍ରହଣ କରିଥିଲେ । ଅନ୍ୟ ସନ୍ତାନମାନେ ଯେଉଁ ସ୍ଥାନରେ ସୁପ୍ରତିଷ୍ଠିତ । ସବୁ ସେଇ ରତ୍ନଗର୍ଭା ମା'ଙ୍କ ଆଶୀର୍ବାଦର ଫଳ । ଆଜି ଓଡ଼ିଶାରେ ଯେତେବେଳେ କର୍କଟ ବ୍ୟାଧି ଖୁବ ମାରାତ୍ମକ ଭାବେ କାୟା ବିସ୍ତାର କରୁଛି ଏବଂ ଟାଟା କମ୍ପାନୀ ପରି ବୃହତ ଶିଳ୍ପସଂସ୍ଥା କ୍ୟାନସର ହସ୍‌ପିଟାଲ କରିବା ପାଇଁ ପଛଘୁଂଚା ଦେଉଛି, ସେତେବେଳେ ଓଡ଼ିଶାରେ ହସ୍‌ପିଟାଲ ନିର୍ମାଣ ପାଇଁ ସୁବ୍ରତ ଓ ସୁସ୍ମିତା ୩୪୦ କୋଟି ଟଙ୍କା ଦାନ କରିବା ନିଶ୍ଚୟ ଓଡ଼ିଶା ପାଇଁ ଏକ ବଡ଼ ବରଦାନ । ଏଭଳି ଏକ ତ୍ୟାଗୀ ଦମ୍ପତିଙ୍କ ପାଇଁ ଜଣେ ଓଡ଼ିଆ ଭାବେ ଗର୍ବ ଅନୁଭୁବ କରୁଛି ବୋଲି

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଅଗଷ୍ଟ ୩୧

ଜଙ୍ଗଲ ସୁରକ୍ଷା – ଜୀବନ ରକ୍ଷା

ଈଶ୍ୱରଙ୍କ ସୃଷ୍ଟି ସୁନ୍ଦର ପ୍ରକୃତି , ତାର ପଚଂଭୂତ ,ଜଳ ,ସ୍ଥଳ, ବାୟୁ , ପ୍ରାଣୀ , ଉଦ୍ଭିଦ ଜଗତ ଆଦିଙ୍କ ସମଷ୍ଟିରେ ଆମର ପରିବେଶ । କେତେ ବେଳେ ଗ୍ରୀଷ୍ମର ରୌଦ୍ର ପଚଣ୍ଡତା ତ ମେଘର ମନ୍ଦ୍ରଧ୍ୱନି , ଶରତ ର ଶୁଭ୍ର ଶୋଭାତ ତ ହେମ' ର କାକର , ଶୀତର ଶୀତଳତା ଓ ଋତୁରାଜ ବସ' ର ମଳୟ ପବନ ବହି ଆଣେ କୋଇଲିର କୁହୁକୁହୁ ତାନ , ଷଡ଼ଋତୁ ଲୀଳା ରେ ପ୍ରକୃତି ର ଜୟଗାନ । ପ୍ରାକୃତିକ ସୁଷମା ର ଦିଗ'ବିସ୍ତାରୀ ଶସ୍ୟକ୍ଷେତ୍ର , ତରଙ୍ଗ ଶୋଭିତ ନଦୀ ସକଳ , ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବୀ ପର୍ବତମାଳା , ହଂସ କାରଣ୍ଡକ ଆଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର , ଆମ୍ର , ନାରୀକେଳ ପଣସାଦି ବୃକ୍ଷ ପରିପୂର୍ଣ୍ଣ ମାଳ ମାଳ ତୋଟା , ଖଜୁରୀ ଆଦି ବୃକ୍ଷ ଶୋଭିତ ପଥପାର୍ଶ୍ୱ , ଘନସନିବିଷ୍ଟ ତୃଣରାଜି ଓ ସବୁଜ ଦ୍ରୁମଲତା ପରିଶୋଭିତ ପ୍ରକୃତି ର ଏକ ନୟନାଭିରାମ ଦୃଶ୍ୟ । ମାତ୍ର ଜନ ସଂଖ୍ୟାର ଅଭିବୃଦ୍ଧି , କଳକାରଖାନା ମାନଙ୍କ ର ଅବିଶ୍ୱାସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟୟ ଶିଳ୍ପ ସଂସ୍ଥା ମାନଙ୍କ ଦ୍ୱାରା ମାଟି , ବାୟୁ ,ଜଳ ,ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର ଜୀବ ଜଗତ .ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି । ମନୁଷ୍ୟ ର ଉଗ୍ର ଆଧୁନିକବାଦ ଓ ବେପରୁଆ ଆଣବିକ ବିସ୍ଫୋରଣ ପ୍ରକୃତି ର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲ ର ଧ୍ୱଂସ । ଏହି ଅବକ୍ଷୟ ପ୍ରକୃତି କୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଚଂଭୂତ ର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜା ମାନେ ଅଭୟା ଅରଣ୍ୟ କରୁଥିଲେ । ଆଦିମ ମଣିଷ ତାର ବୃକ୍ଷ ପୂଜା କୁ ଆମ ସଂସ୍କୃତି ର ମହାନ ଅଙ୍ଗ ରୂପେ ଧରି ନେଇଥିଲା । ପ୍ରଳୟ ସମୟରେ ଶୁକ୍ଳାମ୍ବର ବିଷ୍ଣୁ ବଟପୁଟ ଉପରେ ଶୟନ କରିଥିଲେ । ସେଥିପାଇଁ ବଟବୃକ୍ଷ କୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ । ହରିବଂଶ ପୁରାଣରେ ଅଚ୍ୟୁତାନନ୍ଦ ବୃକ୍ଷ ପୂଜା ର ମାହାତ୍ମ୍ୟ ବର୍ଣ୍ଣନା କରିଛିଂ । ମାହାପୁରୁଷ ଅଚ୍ୟୁତାନନ୍ଦ ଅକ୍ଷୟବଟ ମୂଳରେ ସିଦ୍ଧି ଓ ଶୂନ୍ୟ ସମାଧି ନେଇଛନ୍ତି । ଅଶ୍ୱତ୍ ବୃକ୍ଷ ମୂଳରେ ବୁଦ୍ଧଦେବ ଦିବ୍ୟଜ୍ଞାନ ଲାଭ କରିଥିଲେ । ପ୍ରତ୍ୟେକ ଜୈନ ତୀର୍ଥଙ୍କର ଗୋଟିଏ ଲେଖାଏଁ ଦିବ୍ୟତରୁ ମୂଳରେ ତପସ୍ୟାରତ ହୋଇ ଜ୍ଞାନ ପ୍ରାପ୍ତ ହୋଇଥିଲେ । ଜୈନ ଶାସ୍ତ୍ର ମତରେ ବଟ, ସପ୍ତପର୍ଣ୍ଣ ,ଶାଳ , ପ୍ରିୟଙ୍ଗୁ ,ଶିରିଷ , ନାଗକେଶର . ତମ୍ବୁର , ପାଟଳିକ ,ଜାମୁ ଅଶ୍ୱତଥ , ଦଧିପର୍ଣ୍ଣ , ନନ୍ଦୀବୃକ୍ଷ , ତୀଳକ ତରୁ ,ବୃତ ,ଅଶୋକ , ଚମ୍ପକ , ବକୁଳ ଆଦି ବୃକ୍ଷକୁ ବିଭିନ୍ନ ଜୈନ ତୀର୍ଥଙ୍କର ସହିତ ଅବତାରଣା କରା ଯାଇଛି । ଉଦୟଗିରି ଓ ଖଣ୍ଡଗିରିରେ ବୃକ୍ଷ ପୂଜାର ପାରମ୍ପରା ବର୍ଣ୍ଣନା କରାଯାଇଛି । ନବକଳେବରରେ ନିମ୍ବବୃକ୍ଷ ରୁ ଦାରୁ ଦେବତା ଓ ଦେବୀ ଦୁର୍ଗା ପୂଜାରେ ନବପତ୍ରିକା ପ୍ରଚଳନ ବୃକ୍ଷ ପୂଜା କୁ ଆହୁରୀ ରୁଧି ମ' କରିଥାଏ , ତୁଳସୀ ହେଉ କି ଚନ୍ଦନ ହେଉ କି କଳସୀ ପୂଜାର ପଚଂପଲ୍ଲବ କି ଖମ୍ବେଶ୍ୱରୀ ଦେବୀ ପୂଜା ହେଉ କି ସବୁତ ବୃକ୍ଷ । ପ୍ରତି ବୃକ୍ଷଲତା ଗୋଟିଏ ଗୋଟିଏ ଦେବତା ଙ୍କର ପ୍ରତିନିଧି ରୂପେ ପୂଜା ପାଇଥାଆନ୍ତି । ଇନ୍ଦ୍ର ଦେବତାଙ୍କ ର ଖାଣ୍ଡବବନ , ରାବଣର ଅଶୋକ ବାଟିକା , ବାଳିର ମଧୂବନ, ଶ୍ରୀକୃଷ୍ଣଙ୍କର ଗିରିଗୋବର୍ଦ୍ଧନ ପୂଜା ସବୁ ତ ବନ ମହୋତ୍ସବ । ତେଣୁ ସାରା ଦେଶରେ ସରକାର ୧୯୫୦ ମସିହା ଠାରୁ ପ୍ରତି ଜୁଲାଇ ୧ ତାରିଖ ରୁ ୭ ତାରିଖ ପ୍ରର୍ଯ୍ୟନ୍ତ ବନ ମହୋତ୍ସବ ପାଳନ କରି ଆସୁଛିଂ । ଆମ ପରିବେଶ ଓ ପ୍ରାଣୀ ଜଗତ କୁ ସୁସ୍ଥ ନିରାମୟ ରଖିବାରି ବୃକ୍ଷଲତା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଂ । ଜଳଚକ୍ରର ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଆମ ଚତୁଃପାର୍ଶ୍ୱରେ ଥିବା ବୃକ୍ଷ ଲତା ମାନେ । ଆକଶରୁ ମେଘକୁ ବର୍ଷା କରାଇବାରେ ଏବଂ ପ୍ରାଣୀଜଗତ ପାଇଁ ବିରଳ ଔଷଧ ପ୍ରସ୍ତୁତ କରିବାରେ ବୃକ୍ଷଲତା ମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ତେଣୁ ବୃକ୍ଷ ଆଦିମକାଳରୁ ମଣିଷର ପରମମିତ୍ର । ଆଗକାଳେ ଯିଏ ଘର ଟି କରୁଥିଲା ସେ ପ୍ରଥମେ ଶୁଭବୃକ୍ଷ ତୁଳସି , ଗୁଆ ,କଦଳୀ , ବେଲ ,ନଡ଼ିଆ ଆଦି ବୃକ୍ଷ ଲଗାଉଥିଲା । ଘରର ଅନତି ଦୂରରେ ବଜ୍ରପାତ ରୁ ରକ୍ଷା ପାଇଁ ତାଳଗଛ ଲଗା ଯାଉଥିଲା । ଗ୍ରହଦୋଷ ନିବାରଣ ନିମନ୍ତେ ବିଭିନ୍ନ ବୃକ୍ଷ ର ସାହାଯ୍ୟ ଆଦିମ ଅଧିବାସି ମାନେ ନେଉଥିଲେ । କିନ୍ତୁ ବର୍ତମାନ ପରିବେଷ ଅସନ୍ତୁଳନ ରେ ମାନବଜାତି ଅତିଷ୍ଠ ହୋଇ ପଡ଼ିଛି । ବଣଜଙ୍ଗଲ ଘେରା ଦେଶ ଆଜି ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଆମ କେନ୍ଦ୍ର ଓ ରାଜ୍ୟ ସରକାର ବନ ମାନଙ୍କର ସୁରକ୍ଷା ନିମନ୍ତେ ଅନେକ ପଦକ୍ଷେପ ହାତକୁ ନେଇଛନ୍ତି । ବୃକ୍ଷଲତା ମାନଙ୍କ ର ଉଚ୍ଚିତ୍ ଦେଖାଶୁଣା ତଥା ରକ୍ଷଣବେକ୍ଷଣ ନିମନ୍ତେ ଏହି ବନଦିବସ ବା ବନ ମହୋତ୍ସବ ସର୍ବତ୍ର ପାଳନ କରା ଯାଉଛି । ବୃକ୍ଷକଟା ଓ ଜୀବଜନ୍ତୁ ଶିକାର ଉପରେ ସରକାରି କଟକଣା ରହିଛି । ସରକାର ଙ୍କ ସାମାଜିକ ବନ ଯୋଜନା ଏକ ମହତ୍ୱପୂର୍ଣ୍ଣ ଯୋଜନା ଅଟେ । ଏହି ଯୋଜନା ପରିବେଶର ସୁରକ୍ଷା ସହିତ କିଛିଟା ବେକାରୀ ସମସ୍ୟା ଦୂର କରି ପାରୁଛି । ବନମହୋତ୍ସବ ସଫଳ ହେଲେ ସବୁଜ ସୁନ୍ଦର ଧରା ହସି ଉଠିବ ।

ଅକ୍ଷୟ କୁମାର ରାଉତ

କଲେ ଆମେ ମିଶି ଜଙ୍ଗଲ ସୁରକ୍ଷା
ଜୀବ ଜଗତ ସର୍ବେ ହୋଇବେ ରକ୍ଷା

ପାରାଦ୍ୱୀପ ଗଡ଼, କୁଜଙ୍ଗ,ଜଗତସିଂହପୁର,
ମୋ-୯୯୩୭୬୯୧୪୭୫.

ପାଠକୀୟ ମତାମତ ଓ ପରାମର୍ଶ ପ୍ରପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ଆତଙ୍କବାଦ କବଳରେ ବିଶ୍ୱ

ଡାଃ ସୁରେନ୍ଦ୍ର ନାଥ ଦାଶ

Terrorosm is the unprovoked use of force against non combatant civil population.

ଅନେକଙ୍କ ମତରେ ରାମାୟଣରେ ବର୍ଣ୍ଣିତ ହନୁମାନର ଲଙ୍କାଦହନ ବିଶ୍ୱର ପ୍ରଥମ ଆତଙ୍କୀ ଆକ୍ରମଣ । ଧର୍ମଗତ ବାମପନ୍ଥୀ, ଦକ୍ଷିଣ ପନ୍ଥୀ ବିଚାରଧାରା,ରାଜନୈତିକ ଅସହିଷ୍ଣୁତା କାରଣରୁ ଆତଙ୍କ ବାଦର ସୃଷ୍ଟି ହୁଏ । କେତେକ ରାଷ୍ଟ୍ର ମଧ୍ୟ ଏହାକୁ ପ୍ରୋତ୍ସାହନ ଦିଅନ୍ତି,ଯାହାକୁ State sponsored Terrorism କୁହାଯାଏ । ଏକ ସମୟ ରେ ଲିବିଆ, ସୁଦାନ. ଇରାନ. ଆଫଗାନିସ୍ତାନ, ପାକିସ୍ତାନ ବିଭିନ୍ନ ଆତଙ୍କୀ ଗୋଷ୍ଠିକୁ ସହାୟତା ଯୋଗାଇ ଆସିଛନ୍ତି । ଖ୍ରୀଷ୍ଟିୟ ପ୍ରଥମ ଶତାବ୍ଦୀରେ ଇସ୍ରାଏଲ(ଲେଭାଣ୍ଟ) ଅଧିବାସୀ ମାନେ ରୋମାନ ଆଧିପତ୍ୟ ବିରୁଦ୍ଧରେ ପ୍ରଥମ ଆତଙ୍କୀ ସଂଗ୍ରାମ କରିବାର ନଜିର ଅଛି । ସେତେବେଳେ Tyranicide ସମସୟର ବା ଅତ୍ୟାଚାରୀକୁ ଯେ କୌଣସି ଲୋକ ହତ୍ୟା କରିବା ଯଥାର୍ଥ ବୋଲି କୁହାଗଲା । ମାତ୍ର ଆତଙ୍କୀ ଶବ୍ଦର ସୃଷ୍ଟି,୧୭୯୪ ମସିହାରେ ଫ୍ରେ- ଦାର୍ଶନିକ ଫ୍ରାଙ୍କୋସିସ ନଏଲ ବାବଫ ପାରିସ ର ମାକମିଲାନ ରବସପିରେ ଙ୍କ ଜାକବିଆନ ଶାସନ ପାଇଁ ପ୍ରୟୋଗ କରିଥିଲେ । ୧୭୯୩ ମସିହାରେ ୧୩ ମାସ ପାଇଁ ପାରିସରେ ଯେଉଁ ଘୃଣା,ହିଂସା ଓ ପ୍ରତିହିଂସାର ଅରାଜକତା ଚାଲିଲା, ତାହାହିଁ ପ୍ରଥମ ଆଧୁନିକ ଆତଙ୍କ ବାଦ ବୋଲି ଐତିହାସିକ ମାନେ ମତପ୍ରକାଶ କରିଛନ୍ତି । ଜେଲରୁ ଖଲାସ ହେଲା ପରେ ଦୁଇ ଲକ୍ଷ ପାରିସ ନାଗରିକ ନିଜର ପ୍ରତିହିଁସା ପୁରଣ ପାଇଁ ପାଗଳ ଭଳି ଲୋକ ମାନଙ୍କୁ ହତ୍ୟା କରିଥିଲେ,ସେମାନଙ୍କୁ ଟେରୋରିଷ୍ଟ କୁହାଗଲା ୧୯୭୦ ମସିହା ସୁଦ୍ଧା ଉତ୍ତର ଆୟରଲାଣ୍ଡର ବିପ୍ଳବ, ପାଲେଷ୍ଟାଇନ-ଇସ୍ରାଏଲ ବିବାଦ, ସ୍ପେନର ବାସକ୍ସା ବିବାଦ ଜର୍ମାନର ରେଡ ଆର୍ମି ବାବାଦର ମେନଫ ଦଳ, ନିଓ ନାଜି, ନିଓ ଫାସିଷ୍ଟ,ପାଲେଷ୍ଟାଇନର ଲେଇଲା ଖାଲିଦ ଆତଙ୍କ ବାଦୀ ବୋଲି ସେବର୍ଷର ଲାଇଫ ପତ୍ରିକା ପ୍ରକାଶ କରିଥିଲା ।୧୯୮୦ ମସିହାରେ ସୁଇସାଇଡ ଆକ୍ରମଣ ଏହାକୁ ନୂତନ ଦିଗ ଦେଲା ।୧୯୮୩ ବିରୁଟ ଆମେରିକା ସେନ୍ୟ ବାରାକ ଆକ୍ରମଣ ୨୦୦୧ .୯/୧୧ ରେ ଟ୍ରେଡଟାୱାର, ୨୦୦୨ ମସିହାରେ ବାଲି ଦ୍ୱୀପରେ ଆକ୍ରମଣ ପରେ ବିଶ୍ୱରେ War against Terror ଆରମ୍ଭ ହେଲା । ପ୍ରତିବର୍ଷ ଅଗଷ୍ଟ ୨୧ ତାରିଖ ବିଶ୍ୱଆତଙ୍କ ନିରୋଧି ଦିବସ ବୋଲି ପାଳନ କରାଯାଉଛି । ଡିନାମାଇଟ ଓ ଆର.ଡି.ଏକ୍ସ ର ଉଦଭାବନ ପରେଏହି କାର୍ଯ୍ୟର ପଥ ସୁଗମ ହୋଇଯାଇଛି । ଅନେକ ଆତ୍ମଘାତୀ ଆକ୍ରମଣ ଦ୍ୱାରା ନିଜର ଲକ୍ଷ୍ୟ ପୂରଣ ରେ ସମର୍ଥ ହେଉଛନ୍ତି । କିଛି ଆତଙ୍କ ବାଦୀ ସଂଗଠନ ପରେ କ୍ଷମତା ଅଧିକାର କରି ଶାସନ ଗାଦି କୁ ଯାଉଛନ୍ତି । ଆଫଗାନିସ୍ତାନ ର ତାଲିବାନ ଆତଙ୍କୀ ଏହାର ସଦ୍ୟତମ ଉଦାହରଣ । ନେଲସନ ମାଣ୍ଡେଲା ଙ୍କ ଆଫ୍ରୀକାନ ନେସନାଲ କଂଗ୍ରେସ ଦଳ ଏକ ଆତଙ୍କବାଦୀ ସଂଗଠନରୁ ଜନ୍ମ ନେଇଥିଲା । ହିଟଲର,ଷ୍ଟାଲିନ ଓ ଫିଦାଲ କାଷ୍ଟ୍ରୋ,ଗ୍ୱାଭେରା ହୋଚିମିନଙ୍କୁ ଆତଙ୍କୀ ଛଡା ଅନ୍ୟ କିଛି କୁହାଯାଇପାରିବ ନାହିଁ।

କେତେକ ବିଶିଷ୍ଟ ଆତଙ୍କୀ ସଂଗଠନ:-

ଆଇରିସ ରିଭୋଲୁସନାରି ଆର୍ମି: ଇଂଲଣ୍ଡ ଠାରୁ ସମଗ୍ର ଆୟରଲାଣ୍ଡ କୁ ମୁକ୍ତ କରି ଏକ ରିପବ୍ଲିକ ଗଠନ ଏହାର ଲକ୍ଷ୍ୟ ଥିଲା । ମୁଖ୍ୟତଃ ଉତ୍ତର ଆୟାରଲାଣ୍ଡରେ ଏକ କାଥୋଲିକ ଆନ୍ଦୋଳନ ଆକାରରେ ଏହା ଆରମ୍ଭ ହୋଇ ଅନେକ ପ୍ରାଣହାନି ଘଟାଇ ୧୯୯୭ ମସିହା ଶାନ୍ତି ଚୁକ୍ତି ରେ ସମାପ୍ତ ହୋଇଥିଲା । ଏହାର ଆକ୍ରମଣ ରେଫନ୍ତିଲଡ ମାର୍ଶାଲ ଲର୍ଡ ମାଉଣ୍ଟବାଟେନ ନିହତ ହୋଇଥିଲେ ଓ ପ୍ରଧାନ ମନ୍ତ୍ରୀ ମାର୍ଗାରେଟ ଥାଚେର ଅଳ୍ପକେ ବର୍ତ୍ତିଥିଲେ ।

ପାଲେଷ୍ଟାଇନ ଆତଙ୍କୀ: ଏହା ବିଶ୍ୱର ସବୁଠାରୁ ଦୀର୍ଘ ସମୟଧରି ଚାଲିଥିବା ଉଗ୍ରବାଦୀ ଆନ୍ଦୋଳନ । ଇସ୍ରାଏଲ କବଜାରୁ ଅଧିକୃତ ପାଲେଷ୍ଟାଇନ ଭୂମିକୁ ମୁକ୍ତ ଓ ଇସ୍ରାଏଲକୁ ଉଚ୍ଛେଦ ପାଇଁ ଏହା ଚାଲୁଅଛି । ଇସ୍ରାଏଲ ଗଠନ ପୂର୍ବରୁ ଇଗ୍ଲମ ଓ ୟଙ୍ଗ ଭଳି ଇହୁଦୀ ଆତଙ୍କୀ ସଂଗଠନ କୁ ନେଇ ଇସ୍ରାଏଲ ଡିଫେନସ ଫୋର୍ସ ଗଠିତ ହେଲା । ୟାସର ଆରାଫତ ଙ୍କ ନେତୃତ୍ୱରେ ପିଏଲଓ ନାମକ ଏକ ଆତଙ୍କୀ ସଂଗଠନ ଇସ୍ରାଏଲ ଉପରେ ଆକ୍ରମଣ ଜାରି ରଖିଲେ । ଏମାନଙ୍କ ଆକ୍ରମଣ ରେ ୧୯୭୨ ମ୍ୟୁନିଚ ଅଲମ୍ପିକରେ ୧୨ ଜଣ ଅଲମ୍ପିକ ଇସ୍ରାଏଲ ଖେଳାଳୀ ନିହତ ହେଲେ । ପରେ ଅଧିକ ଉଗ୍ର ପାଲେଷ୍ଟାଇନ ସଂଗଠନ ହାମାସ ଓ ହିଜବୁଲ୍ଲା ଆତଙ୍କୀ ଗାଜା ଷ୍ଟ୍ରିପ ଓ ଲେବାନନରୁ ଇସ୍ରାଏଲ ଉପରେ ଆକ୍ରମଣ କରୁଛନ୍ତି ।

ଇକ୍ଷ-ଛରରୟବ: ଅନେକ ଦିନ ଧରି ବିଶ୍ୱବାସୀଙ୍କ ନିଦ ହଜାଇଥିବା ଏହି ସଂଗଠନ ଓସମାନ-ବିନ-ଲାଦେନ ନାମକ ଜଣେ ସାଉଦି ବ୍ୟବସାୟୀଙ୍କ ଅର୍ଥ ରେ ଅଗଷ୍ଟ ୨୦, ୧୯୮୮ ମସିହାରେ ଆରମ୍ଭ ହୋଇଥିଲା । ଆଫଗାନିସ୍ତାନରୁ ଋଷିଆ ର ଶାସନର ସମାପ୍ତ ପାଇଁ ପ୍ରାୟ ୪୩ ଟି ମୁସଲିମ ରାଷ୍ଟ୍ରରୁ ଜିହାଦୀ ମାନେ ଆଲକାଇଦା ପତାକା ତଳେ ଋଷିଆ ବିରୁଦ୍ଧରେ ଲଢିଥିଲେ । ସେତେବେଳେ ଆମେରିକା ଏମାନଙ୍କୁ ବିପୁଳ ଅର୍ଥ ଓ ଅସ୍ତ୍ରଶସ୍ତ୍ର ଯୋଗାଇଥିଲା । ପରେ ଆମେରିକାର କୁଏଟ ଯୁଦ୍ଧ ବେଳେ ସଉଦି ଆରବିଆ ଓ ପୁଣ୍ୟ ନଗରୀ କାବାରେ ସୈନ୍ୟ ଘାଟି ସ୍ଥାପନ ନେଇ ଲାଦେନର ଆମେରିକା ସହ ମତଭେଦ ହେଲା ଓ ସେ ସଉଦିରୁ ବହିଷ୍କୃତ ହୋଇ ସୁଦାନ ଓ ପରେ ଆ'ାଗାନିସ୍ଥାନ ର ତାଲିବାନ ଆଶ୍ରୟ ରେ ରହିଲା । ୨୦୦୧ ମସିହା ସେପ୍ଟେମ୍ବର ୧୧ତାରିଖ ରେ ଆମେରିକାର ଟ୍ରେଡ ଟାୱାର,ହ୍ୱାଇଟ ହାଉସ ଓ ପେଣ୍ଟାଗନ ଉପରେ ଆତ୍ମଘାତି ବିମାନ ଆକ୍ରମଣ ଲାଦେନ ନିର୍ଦ୍ଦେଶରେ ହୋଥିଲା । ଆଲକାଇବାଦା, Lonely wolf Attack ବା ଜଣେ ବ୍ୟକ୍ତିର ଆତ୍ମଘାତି ଆକ୍ରମଣ ପଦ୍ଧତି ଆପଣାଇଥିଲା । ଏହାର ଆକ୍ରମଣରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ବେନାଜୀର ଭୁଟୋ ନିହତ ହୋଇଥିଲେ । ଭାରତ ସମେତ ସମସ୍ତ ନାଟୋ ରାଷ୍ଟ୍ର ଓ ଆମେରିକାରେ ଅସଂଖ୍ୟ ଆକ୍ରମଣ ଆଲକାଇଦା ଦ୍ୱାରା ହୋଇଥିଲା ।ଏହାକୁ ଧରିବା ପାଇଁ ଆମେରିକା ଆଫାଗାନିସ୍ତାନ ଉପରେ ଆକ୍ରମଣ କରିଥିଲା । ଲାଦେନ ଗୁପ୍ତରେ ପାକିସ୍ତାନ ପଳାଇ ଆଜାଟୋବାଦ ଠାରେ ଲୁଚିଥିବା ବେଳେ ଆମେରିକାର ସି-ସିଲ ବିମାନ କମାଣ୍ଡୋଙ୍କ ଦ୍ୱାରା ନିହତ ହେଲା (୨୦୧୧)।

ବୋକା ହାରେମ: ନାଇଜେରିଆର ଉତ୍ତରା-ଅଞ୍ଚଳରେ ମହମଦ ୟୁସୁଫ ଙ୍କ ଦ୍ୱାରା ୨୦୦୯ ମସିହାରେ ଆରମ୍ଭ ହୋଇଥିବା ଏହି ଉଗ୍ରବାଦୀ ସଂଗଠନ ବିଶ୍ୱର ସବୁଠାରୁ ଭୟଙ୍କର ଆତଙ୍କୀ ବୋଲି କୁହାଯାଉଛି । ମହମଦ ୟୁସୁଫ ନାଇଜେରିଆନ ସୈନ୍ୟଙ୍କ ଦ୍ୱାରା ନିହତ ହେଲା ପରେ,ଆବୁବେକର ୟାରକୁ ଏହାର ସର୍ବୋଚ ନେତା ଅଛନ୍ତି । ଜିହାଦ ଦ୍ୱାରା ଇସଲାମ ଧର୍ମକୁ ବିଶୁଦ୍ଧ କରିବା ଓ ଅନ୍ୟ ଧର୍ମ (ଖ୍ରିଷ୍ଟିଆନ)ଓ ପାଶ୍ଚାତ୍ୟ ଶିକ୍ଷାକୁ ରୋକିବା ପାଇଁ ଚର୍ଚ୍ଚ ବିଦ୍ୟାଳୟ ଉପରେ ଆକ୍ରମଣ କରି ସରଳ ଛାତ୍ର ମାନ ଙ୍କୁ ହତ୍ୟା,ବିକ୍ରୟ କରିବା ଭଳି ଜଘନ୍ୟ କାର୍ଯ୍ୟରେ ଏମାନେ ସଂପୃକ୍ତ ।ଏକ ବିସ୍ତୃତ ଅଞ୍ଚ-ଳ ଅଧିକାର କରି ଏମାନେ ଆଫ୍ରିକାନ(ବେନୋ ଷ୍ଟେଟ) କାଲିଫାଟ ପ୍ରତିଷ୍ଠା କରିଛନ୍ତି ।ଏମାନ ଙ୍କ ଆକ୍ରମଣରେ ଚାଦ,କାମୋରିନ ଓ ନାଇଜେରିଆର ଏକ ବିସ୍ତୃତ ଅଂଶରେ ଦୁର୍ଭିକ୍ଷ ଅନାହାର ମୃତ୍ୟୁ ଦେଖା ଦେଇଛି । ଲକ୍ଷଲକ୍ଷ ଲୋକ ଦେଶଛାଡି ପଳାଇଛନ୍ତି । ଏକ ସ୍କୁଲ ଉପରେ ଆକ୍ରମଣ କରି ୬୦ଛାତ୍ରଙ୍କୁ ହତ୍ୟାକରି ୨୫୭ ଛାତ୍ରି ଙ୍କୁ ଅପହରଣ କରି ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିଲେ । ଝିଅ ମାନଙ୍କୁ ସ୍କୁଲ ଛାଡି ବିବାହ କରିବାକୁ ବାଧ୍ୟ କରିଥିଲେ ।

Ismalic States of Iraq and Levant(Syria).

ବିଶ୍ୱର ସବୁଠାରୁ ନୃଶଂସ ଆତଙ୍କୀ ସଂଗଠନ,(୧୯୯୯ ମସିହାରେ ଆବୁମାସୁବ) ଜାରଓ୍ୱି ଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା । ପରେ ଆବୁବେକର ବାଗଦାଦୀ ଏହାର ନେତା ହେଲେ ।୨୦୧୯ ମସିହାରେ ଆମେରିକାର ବୋମା ମାଡରେ ବାଗଦାଦି ର ମୃତ୍ୟୁ ହେବାରୁ ଆବୁ ଇବ୍ରାହିମ ବାଗ୍‌ଦାଦୀ ଏହାର ମୁଖ୍ୟ ଅଟନ୍ତି । ୨୦୦୪ ମସିହାହାରେ ଏହା ଆଲକାଇଦା ସଂଗଠନ ସହ ମିଶିଲା । ୨୦୦୬ ମସିହାରେ ଆଇଏସ ଆଇ ଷ୍ଟେଟ ଘୋଷଣା କଲା । ୨୦୧୪ ମସିହାରେ କାଲିଫେଟ ଘୋଷିତ ହୋଇ ଆଫ୍ରିକାର ଉତ୍ତର ଅଂଶ(ଇଜିପ୍ଟ,ଲିବିଆ,ନାଇଜେରିଆ ଚାଦ), ମଧ୍ୟ ଏସିଆ(ଇରାନ ଇରାକ,ସଉଦି ଆରବ ସିରିଆ,ପାଲେଷ୍ଟାଇନ),ଏସିଆ(ଭାରତ, ପାକିସ୍ଥାନ ଆଫାଗାନିସ୍ଥାନ) ୟୁରୋପ(ତୁର୍କି ସ୍ପେନ,ଫ୍ରାନସ) କୁ ନିଜ ରାଜ୍ୟ ବୋଲି ଦାବିକଲା । ଏହା ସିରିଆ ଓ ଇରାକ ର ୧୦ ମିଲିଅନ ଜନସଂଖ୍ୟା ବିଶିଷ୍ଟ ବିସ୍ତୃତ ରାଜ୍ୟ ଓ ଅନେକ ତୈଳଖଣି ଅଧିକାର କଲା । ଇରାକର ଏକ ମୁଖ୍ୟ ସହର ମୋସୁଲ କୁ ଅଧିକାର କଲା । ସିରିଆର ରାକ୍ସି କୁ ନିଜର ରାଜଧାନୀ କରି ଉଭୟ ଦେଶରେ ଧ୍ୱଂସଲିଳା ଆରମ୍ଭ କଲା । ଅଧିକାର କରୁଥିବା ଲୋକଙ୍କ ମୁଣ୍ଡ କାଟିବା ଏକ ସାଧାରଣ ଦୃଶ୍ୟ ଥିଲା । ଘରଦ୍ୱାର ଜାଳି ଦେଉଥିଲେ । ନାରୀ ମାନଙ୍କୁ ବେଶ୍ୟାବୃତି କରିବା ପାଇଁ ବାଧ୍ୟ କରୁଥିଲେ । ସାରା ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଶିକ୍ଷିତ ମୁସଲମାନ ଯୁବକ ଧର୍ମ ଯୁଦ୍ଧରେ ଯୋଗ ଦେବା ପାଇଁ ଏହାର ପତକା ତଳେ ଏକାଠି ହେଲେ । ଶେଷ ଅଣମୁସଲମାନର ନିଧନ ପର୍ଯ୍ୟନ୍ତ ସଂଗ୍ରାମ ଚାଲିବ ବୋକି ଘୋଷଣା କରାଗଲା । ଏହାର ପତାକାରେ ମହମ୍ମଦ ଙ୍କ ସିଲ ଧଳାବୃତ୍ତ ଞ୍ଚଷରଦ୍ଧର ସମ୍ପ ଭକ୍ତ ଙ୍କ୍ଷ୍ମଷରଦ୍ଧ ଏକ୍ଟୟ ଭଙ୍କମ୍ପ ଲଷକ୍ଷବଷ ଲେଖା ର

ଗ୍ରୀନ୍ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ

ବାଲିଅନ୍ତା : ଗ୍ରୀନ୍ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ଗ୍ରାମପଂଚାୟତ ସୁଦର୍ଶନ ଦାରୁ ପୀଠ ଗଡକଣ୍ଟୁଣିଆ ଗ୍ରାମଠାରେ ଡେଙ୍ଗୁ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ମୁଖ୍ୟ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ସଭାପତିତ୍ୱ କରିଥିଲେ । ଅନ୍ୟମାଙ୍କ ମଧ୍ୟରେ ୱାର୍ଡ ସଭ୍ୟା ସବିତା ଦାସ, ପୂର୍ବତନ ୱାର୍ଡ ସଭ୍ୟା କଳ୍ପନା ଭୋଇ ଉପସ୍ଥିତ ରହି ହିରାପୁର, ଶାହାବାଜ ଓ କଣ୍ଟୁଣିଆ ଗ୍ରାମର ଶତାଧିକ ପୁରୁଷ ମହିଳାମାନଙ୍କୁ ନେଇ ଡେଙ୍ଗୁ ସଚେତନତା କରିବା ସହ ଗ୍ରାମରେ ଥିବା ଖାଲ ଖମା, ଘର ଚାରି ପାଖରେ ପଡିରହିଥିବା ଅଦରକାରୀ ପାତ୍ରରେ ପାଣି ଜମା ହେତୁ ଡେଙ୍କୁ ମଶା ସେଥିରେ ସେମାନଙ୍କର ଅଣ୍ଡା ଦେଇ ବଂଶ ବିସ୍ତର କରିଥାନ୍ତି ବୋଲି ଲୋକମାନଙ୍କୁ ବୁଝାଇଥିଲେ । ଏହି ମଶାର ନାମ ରେଡସ୍ ଅଟେ । ଏହା ଅପରାହ୍ନ ସମୟରେ କାମୁଡି ଥାଏ । ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ରୋଗୀ ଠାରୁ ମଶା ରକ୍ତ ପିଇ ସୁସ୍ଥ ଲୋକକୁ କାମୁଡିଲେ ସୁସ୍ଥ ଲୋକ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥାଏ । ଏଥିରୁ ରକ୍ଷା ପାଇବାକୁ ହେଲେ ଘରେ ଶୋଇବା ସମୟରେ ମଶାରୀ ବ୍ୟବହାର କରିବା ଜରୁରୀ ଅଟେ । କାର୍ଯ୍ୟକ୍ରମକୁ ଟ୍ରଷ୍ଟି ଗଗନ ଭୋଇ ସଭା କାର୍ଯ୍ୟ ପରିଚାଳନା କରିଥିଲେ ।

୧୦ ବର୍ଷ ହେବ ୩ ଓ ୫ ନମ୍ବର ୱାର୍ଡ଼ ବାସୀ ଦୁର୍ଦ୍ଦଶାରେ

ବାଲେଶ୍ୱର:ବାଲେଶ୍ୱର ସହର ସୁନହଟ ସ୍ଥିତ ନନ୍ଦସାହି ୩ ଓ ୫ ନମ୍ବର ୱାର୍ଡ଼ବାସୀ ୧୦ ବର୍ଷ ହେବ ଦୁର୍ଦ୍ଦଶା ଭୋଗୁଛନ୍ତି । ରାସ୍ତା କି ଡ୍ରେନ କୌଣସି ଦିନ ସଫା ହେଉନାହିଁ । ବର୍ଷା ଆସିଲେ ଅଞ୍ଚଳବାସୀଙ୍କ ଚିନ୍ତା ବଢିଯାଏ । ଅଧିକାଂଶ ଲୋକଙ୍କ ଘରେ ପାଣି ପସିବା ସହ ନିକଟରେ ଥିବା କନକଦୁର୍ଗା ଓ ଶିବ ମନ୍ଦିର ଭିତରେ ପାଣି ଲହରୀ ଖେଳେ । ବାରମ୍ବାର ଲିଖିତ ଅଭିଯୋଗ ପରେ ମଧ୍ୟ ପୌରପ୍ରଶାସନର କର୍ଣ୍ଣପାତ ହେଉନାହିଁ । ପୌରପ୍ରଶାସନର ଏଭଳି ଖାମଖିଆଲି ମନଭାବରେ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିବା ସହିତ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନି ଦେଇଛନ୍ତି । ଏହି ଦୁଇଟି ୱାର୍ଡ଼ରେ ୮ ହଜାରୁ ଅଧିକ ଲୋକ ବାସ କରନ୍ତି । ସେମାନେ ବର୍ଷ ବର୍ଷ ଧରି ଏଭଳି ସମସ୍ୟା ଭୋଗୁଛନ୍ତି । ୧୦-୧୫ ଦିନ ଧରି ଅଳିଆ ପଡ଼ି ରହୁଥିବା ବେଳେ ରାସ୍ତାରୁ ଅଳିଆ ଉଠୁନାହିଁ । ୪/୫ ବର୍ଷ ପୂର୍ବରୁ ଯାହା ଡ୍ରେନ ସଫା ହୋଇଥିଲା । ଡ୍ରେନ ପୋତି ହୋଇ ରାସ୍ତା ସହ ସମ୍ମାନ ହେବାକୁ ବସିଲାଣି । ସେହିପରି ଉକ୍ତ ଅଞ୍ଚଳରେ ନର୍ମାଣ ହୋଇଥିବା ମହାନାଳ ଅବସ୍ଥାରେ ଆହୁରି ସାଂଘାତିକ । ବାରମ୍ବାର ଅଭିଯୋଗ ପରେ ପୌରପ୍ରଶାସନ କର୍ଣ୍ଣପାତ କରୁନଥିବାରୁ ଏବେ ଆନ୍ଦୋଳନ ହିଁ ଏକମାତ୍ର ବିକଳ୍ପ ବୋଲି ୱାର୍ଡ଼ବାସୀ ମଦନ ମୋହନ ଦାସ, ରାମଚନ୍ଦ୍ର ସାମନ୍ତରାୟ, କାହ୍ନୁଚରଣ ଦାସ, ନୀପକ ବାରିକ, ଭବାନିଶଙ୍କର ନାୟକ, ଅଜିତ କୁମାର ପଇଲି ପ୍ରମୁଖ କ୍ଷୋଭର ସହ ପ୍ରକାଶ କରିଛନ୍ତି ।

ଉପାନ୍ତ ଅଂଚଳରେ ସୂଚନା ଓ ସଚେତନତାର ପ୍ରସାର ପାଇଁ ୟୁନିସେଫ ସହ ପିଆଇବି ,ଆରଓବିର ସହଭାଗିତା

ଭୁବନେଶ୍ୱର: ସୂଚନା ମାଧ୍ୟମରେ ନାଗରିକଙ୍କ ସଶକ୍ତିକରଣ ସମ୍ଭବ । ଏହି ଲକ୍ଷ୍ୟ ନେଇ ରାଜ୍ୟର ଉପାନ୍ତ ଅଂଚଳରେ ବ୍ୟାପକ ସଚେତନତା ତଥା ଜନସମ୍ପର୍କ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ୟୁନିସେଫର ସହଭାଗିତାରେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଆଂଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟ (ଆରଓବି) ପକ୍ଷରୁ ଏହାକୁ କାର୍ଯ୍ୟକାରୀ କରାଯିବ । ସୂଚନା ଓ ସଚେତନତା ଅଭାବରୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିନଥିବା ଜନସାଧାରଣଙ୍କୁ ସଚେତନ ଓ ସଶକ୍ତ କରାଇବା ଏହି ସହଭାଗିତାର ଉଦ୍ଦେଶ୍ୟ । ଏଥିପାଇଁ ଏକ ଭର୍ଚୁଆଲ ବୈଠକ ମଙ୍ଗଳବାର ଦିନ ଆୟୋଜିତ ହୋଇଯାଇଛି । ଏହି ବୈଠକରେ ପିଆଇବି ଓ ଆରଓବିର ଓଡ଼ିଶା କ୍ଷେତ୍ର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ, ଆରଓବିର ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର, ୟୁନିସେଫର ଚିଫ୍ ଅଫ୍ ଫିଲ୍ଡ ଅଫିସ ମୋନିକା ନେଲସନ, ଯୋଗାଯୋଗ ଅଧିକାରୀ ରାଧିକା ଶ୍ରୀବାସ୍ତବ, ପିଆଇବିର ଉପନିର୍ଦ୍ଦେଶକ ଗିରୀଶ ଚନ୍ଦ୍ର ଦାଶ, ଆରଓବି ଅଧିକାରୀ ମହେନ୍ଦ୍ର ଜେନାଙ୍କ ସମେତ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅଧୀନ ବିଭିନ୍ନ କ୍ଷେତ୍ରୀୟ କାର୍ଯ୍ୟାଳୟର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଂଚଳରେ ପିଆଇବି ଓ ଆରଓବିର ସହଭାଗିତାରେ ୟୁନିସେଫର ବିଭିନ୍ନ ଗୋଷ୍ଠୀ ଜନସମ୍ପର୍କ କାର୍ଯ୍ୟକ୍ରମଗୁଡ଼ିକୁ କିଭଳି କାର୍ଯ୍ୟକାରୀ କରାଯିବ ସେ ସମ୍ପର୍କରେ ଯୋଜନା ଏବଂ ସହଭାଗିତାର ଢାଂଚା ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ଗ୍ରାମୀଣ ବ୍ୟାଙ୍କ ୟୁନିଅନ ମିଳିତ ଫୋରମ୍ର କେନ୍ଦ୍ର ଅର୍ଥ ବିଭାଗ ଯୁଗ୍ମ ସଚୀବଙ୍କ ସହ ଆଲୋଚନା

ଭୁବନେଶ୍ୱର : ୟୁନିୟନ ବ୍ୟାଙ୍କ ୟୁନିଅନ ଫେଡ଼େରେସନର ମିଳିତ ଫୋରମର ତରଫରୁ ଏ.ଆଇ.ଜି.ବି.ଇ.ସି ର ସଭାପତି ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ,ଏ.ଆଇ. ଇ.ବି.ଓ.ସିର ସାଧାରଣ ସଂପାଦକ ଡି.ଏନ୍.ତ୍ରିବେଦି, ଏ.ଆଇ.ଆର.ଆର.ବି.ଓ.ଫ୍. ର ସାଧାରଣ ସଂପାଦକ ଏସ୍.କେ.ପାଲ ଓ ଏ.ଆଇ.ଜି.ବି.ଓ.ଏ. ର ସାଧାରଣ ସଂପାଦକ ଜି.ଜି. ଗାନ୍ଧୀ ତା. ୧୨.୦୮.୨୦୨୧ ରିଖରେ କେନ୍ଦ୍ର ସରକାରଙ୍କର ଅର୍ଥ ବିଭାଗର ଯୁଗ୍ମ ସଚୀବ ଡକ୍ଟର ଭୂଷଣ କୁମାର ସିନ୍ହା ଓ ଉପ ସଚୀବ ଶ୍ରୀ ଏକ.ଦାସ ଙ୍କ ସହିତ ଗ୍ରାମୀଣ ବ୍ୟାଙ୍କ, ଅଫିସର ଓ କର୍ମଚାରୀଙ୍କର କେତେଗୁଡ଼ିଏ ମୁଖ୍ୟ ଦାବୀ ସଂପର୍କରେ ଆଲୋଚନା କରିଥିଲେ । ଓ.ଏଜ୍. ରିଭିଜନ ଓ ୩୧.୦୧.୨୦୦୧ ରିଖରେ ସୁପ୍ରିମ୍କୋର୍ଟଙ୍କର ଆଦେଶ ଅନୁଯାୟୀ ସମସ୍ତ ସୁବିଧା ଓ ଭତ୍ତା ଦେବା ଦରମା ସମୀକରଣ ଓ ଅନ୍ୟାନ୍ୟ ସମସ୍ତ ସୁବିଧା ସ୍ୱୋନସର ବ୍ୟାଙ୍କ ସହିତ ସ୍ୱନସର ବ୍ୟାଙ୍କରେ ମିଳୁଥିବା ସମସ୍ତ ସୁବିଧା ଦେବା, ଗ୍ରାମୀଣ ବ୍ୟାଙ୍କ ଅଫିସର କର୍ମଚାରୀଙ୍କ ପାଇଁ ନୂତନ ପଦୋନ୍ନତି ନିୟମାବଳୀ ପ୍ରଣୟନ କରିବା ଓ କାର୍ଯ୍ୟକରୁଥିବା ସମୟରେ ମୃତ୍ୟୁ ଅଫିସର ଓ କର୍ମଚାରୀଙ୍କର ପରିବାରବର୍ଗରୁ ନିଯୁକ୍ତି ଦେବା ଓ ନିଯୁକ୍ତି ପଦୋନ୍ନତି ସ୍ୱୋନସର ବ୍ୟାଙ୍କ ସହିତ ସମୀକରଣ କରିବା, କଣ୍ଟ୍ରାକ୍ଟ ଲେବର ଭାବରେ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଚାକିରୀରେ ସ୍ଥାୟୀ କରିବା ଏବଂ ଗ୍ରାମୀଣ ବ୍ୟାଙ୍କ ଗୁଡ଼ିକୁ ଶକ୍ତିଶାଳୀ ସ୍ୱୋନସର ବ୍ୟାଙ୍କରେ ମିଶ୍ରଣ କରିବା ଓ ଗୁରୁତ୍ୱପୂର୍ଣ୍ଣ ଦାବୀ ସଂପର୍କରେ ଆଲୋଚନା କରାଯାଇଥିଲା । ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ୟୁନିଅନ ଓ ଫେଡ଼େରସନ ତରଫରୁ ମିଳିତ ଭାବରେ ଧର୍ମଘଟ ପାଇଁ ନୋଟିସ୍ ପରିପ୍ରେକ୍ଷିରେ କେନ୍ଦ୍ର ସରକାରଙ୍କର ଅର୍ଥ ବିଭାଗ ଓ ଶ୍ରମ ବିଭାଗ ଆନ୍ଦୋଳନକୁ ଏଡ଼ାଇବା ପାଇଁ ଗ୍ରାମୀଣ ବ୍ୟାଙ୍କ ମିଳିତ ଫୋରମର କର୍ମକର୍ତ୍ତାଙ୍କୁ ଡାକି ଆଲୋଚନା କରିଥିଲେ ।

ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚାର୫ ଉପସଭାପତି, ୨ସାଧାରଣ ସଂପାଦକ, ୫ ସଂପାଦକଙ୍କ ତାଲିକା ଘୋଷଣା

ଭୁବନେଶ୍ୱର: ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ସଂଖ୍ୟଲଘୁ ମୋର୍ଚ୍ଚା ରାଜ୍ୟ ସଭାପତି ସିକନ୍ଦର ଅଲ୍ଲୀ ଆଜି ସଂଖ୍ୟଲଘୁ ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ଥାୟୀ ନିମନ୍ତ୍ରିତ ସଦସ୍ୟଙ୍କ ନାମ ତାଲିକା ଘୋଷଣା କରିଛନ୍ତି । ସଂଖ୍ୟାଲଘୁ ମୋର୍ଚ୍ଚାର ରାଜ୍ୟ ଉପସଭାପତି ଭାବେ ଶେଖ୍ ରଫିକ୍, ମିର୍ଜା ଜାଫର୍ ବେଗ୍, ଗୁରିନ୍ଦର୍ ସିଂହ, ସଲିମ୍ ଖାନ୍, ମମତା ମହାପାତ୍ର; ରାଜ୍ୟ ସାଧାରଣ ସଂପାଦକ ଭାବେ ବଲବିନ୍ଦର୍ ସିଂହ ଓ ଶେଖ୍ ମହମ୍ମଦ୍ ଜଲାଲୁଦ୍ଦିନ୍ ଆକବର୍; ସଂପାଦକ ଭାବେ ଶେଖ୍ ହସନ୍, ସୋନିଆ ଦାସ୍, ଶାହିଦା ଖାତୁନ୍, ଶେଖ୍ ଗଫୁର୍, ଶେଖ୍ ଚାନ୍ଦ୍; କୋଷାଧକ୍ଷ ଭାବେ ଘାସିରାମ ଜୈନ; ସାମାଜିକ ଗଣମାଧ୍ୟମ ସଂଯୋଜକ ଶେଖ୍ ମେରାଜୁଦ୍ଦିନ୍, ସାମାଜିକ ଗଣମାଧ୍ୟମ ସହ ସଂଯୋଜକ ଭାବେ ମେହେରୁଲ୍ଲା ଶେଖ୍ ଏବଂ କାର୍ଯ୍ୟାଳୟ ସଂପାଦକ ଭାବେ କୈଳାଶ ବେହେରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ସଂଖ୍ୟଲଘୁ ମୋର୍ଚ୍ଚାର ସ୍ଥାୟୀ ନିମନ୍ତ୍ରୀତ ସଦସ୍ୟ ଭାବେ ମହମ୍ମଦ ସଫିକ୍, ମହମ୍ମଦ ରଫିକ୍, ମହତାବ ଖାନ୍ ଏବଂ ଅଧ୍ୟାପକ ଅବଦୁଲ୍ ସଲାମ୍ଙ୍କୁ ମନୋନୀତ କରାଯାଇଛି । ସେହିପରି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଗୋଲାମ୍ ଜିଲାନି ହବିବି, ନବ ବେହେରା, ଶେଖ୍ ଅହସାନ୍, ଶେଖ୍ ଜମାଲୁଦ୍ଦିନ, ମହମ୍ମଦ୍ ଗଫୁର ଖାନ୍, ମହମ୍ମଦ୍ ରାଜା, ନାଦିର୍ ରାଜା, ରିୟାଜ୍ ହୁସେନ୍, ମହମ୍ମଦ୍ ସବିର, ଶେଖ୍ ଆୟୁବ ମହମ୍ମଦ, ମେହେମ୍ମୁଦ୍ ଖାନ୍, ହରମିନ୍ଦର୍ ସିଂହ, ପରମଜିତ୍ ସିଂହ ସାନ୍ଧୁ, ଶେଖ୍ ତୋଫାନ, ରୋଜାଲିନ ଯୋଶେଫ୍, ହସରତ୍ ଅଲ୍ଲୀ ଖାନ୍ ଏବଂ ମହମ୍ମଦ୍ ସିରାଜ୍ ଆଲମ୍ଙ୍କୁ ମନୋନୀତ କରାଯାଇଛି ବୋଲି ମୋର୍ଚ୍ଚା ରାଜ୍ୟ ସଭାପତି ସିକନ୍ଦର ଅଲ୍ଲୀ ପ୍ରେସ ବାର୍ତ୍ତାରେ ଜଣାଇଛନ୍ତି । ସଂଖ୍ୟାଲଘୁ ସଂପ୍ରଦାୟର ସାମୁହିକ ବିକାଶ ପାଇଁ ମୋଦି ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାକୁ ତୃଣମୂଳ ସ୍ତରରେ ପହଂଚାଇବା ମୋର୍ଚ୍ଚାର ପ୍ରମୁଖ କାର୍ଯ୍ୟ ହେବ । ଏହା ସହ ରାଜ୍ୟ ସରକାରଙ୍କ ସଂଖ୍ୟାଲଘୁ ସଂପ୍ରଦାୟ ବିକାଶ ବିରୋଧୀ ନୀତି ବିରୁଦ୍ଧରେ ଆଗାମୀ ଦିନରେ ସାରା ରାଜ୍ୟରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ଅଲ୍ଲୀ ସୂଚନା ଦେଇଛନ୍ତି ।

କୋଟିଆ ପ୍ରସଙ୍ଗରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଲେ ପିସିସି ସଭାପତି

ଭୁବନେଶ୍ୱର: ଗତକାଲି ଦଳମତ ନିର୍ବିଶେଷରେ ଯେଉଁଭଳି ଭାବରେ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ ଏବଂ କୋରାପୁଟ ଜିଲ୍ଲାର ବିଧାୟକବନ୍ଧୁ ଏବଂ ରାଜ୍ୟ ପ୍ରଶାସନ କୋରାପୁଟର କୋଟିଆ ବିବାଦ ପ୍ରସଙ୍ଗରେ ମିଳିତ ଭାବରେ ଆନ୍ଧ୍ର ପ୍ରଶାସନ ଓ ରାଜନେତା ମାନଙ୍କୁ ପ୍ରତିହିତ କଲେ ତାହାହିଁ ସମୟ ଓ ପରିସ୍ଥିତିର ଆବଶ୍ୟକତା ଥିଲା ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିବା ସହ କୋଟିଆ ବିବାଦ ପ୍ରସଙ୍ଗରେ ଏକଜୁଟ ହୋଇଥିବା ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ ଏବଂ ରାଜ୍ୟ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି କୋଟିଆ ଓଡ଼ିଶାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଓ ଏଥିପ୍ରତି ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଯେଉଁ ଅଯଥା ବିବାଦ ସୃଷ୍ଟିକରୁଛି ତାହାକୁ ବହୁପୂର୍ବରୁ ଏହିଭଳି ଢଙ୍ଗରେ ପଣ୍ଡ କରିବାର ଆବଶ୍ୟକତା ଥିଲା । ଆମର ସଂକୀର୍ଣ୍ଣ ରାଜନୈତିକ ମାନସିକତା ଏବଂ ସ୍ୱାର୍ଥପରତା ଯୋଗୁଁ ଆଜି ଆମେ ମହାନଦୀର ହକ ଜଳ ପାଇବାରୁ ବଂଚିତ ହେଲୁ ଏବଂ ପୋଲଭରମ ଜଳପ୍ରକଳ୍ପ ଭଳି ଘଟଣାର ପୁନରାବୃତି ନଘଟୁ । ଓଡ଼ିଶାର ସ୍ୱାର୍ଥକୁ ସର୍ବାଗ୍ରେ ରଖି ମଧୁବାବୁ, ଗୋପବନ୍ଧୁଙ୍କୁ ସ୍ମରଣ କରି ଓଡ଼ିଶାର ମାଟିକୁ ରକ୍ଷା କରିବା ପାଇଁ ସମସ୍ତେ ଆପ୍ରାଣ ଉଦ୍ୟମ କରିବା ଉଚିତ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

୨୦୨୦ ପାଇଁ ପାର୍ବଣ ଅଫର୍ ସହିତ ଏସ୍‌ବିଆଇ କାର୍ଡ ନିଜ ଗ୍ରାହକଙ୍କୁ ଅଧିକ ଉତ୍ସାହ ପ୍ରଦାନ କରୁଛି

ନୂଆଦିଲ୍ଲୀ/ ଭୁବନେଶ୍ୱର,(ପିଏନ): ଭାରତର ସର୍ବବୃହତ କେବଳ କ୍ରେଡିଟ କାର୍ଡ ଜାରି କରୁଥିବା ସଂସ୍ଥା ଏସ୍‌ବିଆଇ କାର୍ଡ ଚଳିତ ପାର୍ବଣ ଋତୁରେ ତାହାର କାର୍ଡଧାରୀଙ୍କ ପାର୍ବଣ ଖୁସି ଅଧିକ ବଢାଇବାକୁ ଯାଉଛି । ପରିବର୍ତ୍ତିତ ଧାରା ଏବଂ ଗ୍ରାହକଙ୍କ ପସନ୍ଦ ମୁତାବକ ସ୍ୱତନ୍ତ୍ର ଭାବରେ ବ୍ୟବସ୍ଥା କରାଯାଇଥିବା ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ସହିତ ଏସ୍‌ବିଆଇ କାର୍ଡ ଗ୍ରାହକଙ୍କୁ ସେମାନଙ୍କର ପାର୍ବଣ ଋତୁକାଳୀନ କ୍ରୟ ଅନୁଭୂତିକୁ ଅଧିକ ଉତ୍ସାହପ୍ରଦ କରିବା ପ୍ରୟାସ କରିଛି । ବିବିଧ ରେଞ୍ଜର ଅଫର ମଧ୍ୟରେ ରହିଛି ୩୦୦ରୁ ଅଧିକ ଜାତୀୟ ଏବଂ ୭୦୦ରୁ ଅଧିକ ଆଞ୍ଚଳିକ ତଥା ଅତିମାତ୍ରାରେ ସ୍ଥାନୀୟ ଅଫର୍ । ବିସ୍ତାରିତ ଅଫର ମଧ୍ୟରେ ବିବିଧ ବର୍ଗ ଯଥା ଫେଶନ ଓ ଲାଇଫଷ୍ଟାଇଲ, ଇଲେକଟ୍ରୋନିକ୍ସ, ମୋବାଇଲ, ଅଳଙ୍କାର, ଡିପାର୍ଟମେଣ୍ଟଷ୍ଟ;ାଲ ଷ୍ଟୋର ଏବଂ ଭ୍ରମଣ ତଥା ଅନ୍‌ଲାଇନ ମାର୍କେଟପ୍ଲେସ ଆଦି ଅନ୍ତର୍ଭୁକ୍ତ । ଏହି ଅଫର୍ ଦେଶବ୍ୟାପୀ ଆମାଜନ, ବ୍ରାଣ୍ଡ ଫାକ୍ଟରି, କ୍ରୋମା, କାରାଟ୍‌ଲେନ, ଫାବ୍‌ଇଣ୍ଡିଆ, ଫାଷ୍ଟକ୍ରାଏ, ଗ୍ରୋଫର୍ସ, ହୋମସେଣ୍ଟଷ୍ଟ;ର, ଲୟଡ୍‌ସ, ମୋର୍ ହାଇପରମାର୍କେଟ, ମୋର୍ ସୁପରମାର୍କେଟ, ପାଣ୍ଟଷ୍ଟ;ାଲୁନ୍‌ସ, ସାମସଙ୍ଗ ମୋବାଇଲ ଏବଂ ଟାଟା କ୍ଲିକ୍ ଭଳି ପ୍ରସିଦ୍ଧ ବ୍ରାଣ୍ଡଗୁଡିକରେ ଉପଲବ୍ଧ ହେଉଛି । ଏହି କୌଶଳାତ୍ମକ ସହଭାଗିତା ଗ୍ରାହକଙ୍କୁ ସମସ୍ତ ସପିଙ୍ଗ ବର୍ଗରୁ ଫାଇଦା ଉଠାଇବାକୁ ସମର୍ଥ କରିବ । ଅଫର୍‌ଗୁଡିକ ମଧ୍ୟରେ ଆକର୍ଷଣୀୟ କ୍ୟାସ୍‌ବ୍ୟାକ ଏବଂ ତତ୍‌ସହିତ ୧୦% ପର୍ଯ୍ୟନ୍ତ ତତ୍‌କ୍ଷଣାତ ରିହାତି ଅନ୍ତର୍ଭୁକ୍ତ । ଏସ୍‌ବିଆଇ କାର୍ଡ ମଧ୍ୟ ଫ୍ଲିପକାର୍ଟର 'ଦି ବିଗ୍ ବିଲିଅନ ଡେଜ୍' ଅନ୍‌ଲାଇନ ସପିଙ୍ଗ ଫେଷ୍ଟିଭାଲର ଏକମାତ୍ର କ୍ରେଡିଟକାର୍ଡ ସହଭାଗି ହୋଇଛି, ଯାହା ଭାରତରେ ଅନ୍ୟତମ ସର୍ବବୃହତ ଅନ୍‌ଲାଇନ ସେଲ୍ ଅଟେ । ଏସ୍‌ବିଆଇ କାର୍ଡ ଗ୍ରାହକମାନେ ନିଜ ଘରେ ବସି ଏହି ଅଫର୍ ଅବଧି ସମୟରେ ଫ୍ଲିପକାର୍ଟରେ ୧୦% ତତ୍‌କ୍ଷଣାତ ରିହାତି ସହିତ ଅନ୍ୟ ବିବିଧ ଫାଇଦାର ସୁଯୋଗ ପାଇପାରିବେ । ପାର୍ବଣ ଅଫର୍ ସମ୍ପର୍କରେ ଏସ୍‌ବିଆଇ କାର୍ଡର ଏମ୍‌ଡି ଓ ସିଇଓ ଶ୍ରୀ ଅଶ୍ୱିନୀ କୁମାର ତିୱାରୀ କହିଛନ୍ତି, "ପ୍ରତିବର୍ଷ ଅତ୍ୟନ୍ତ ଯତ୍ନର ସହିତ ଡିଜାଇନ କରାଯାଇଥିବା ଜାତୀୟ ଓ ଆଞ୍ଚଳିକ ଅଫରଗୁଡିକ ଜରିଆରେ ଆମ ଗ୍ରାହକଙ୍କୁ ଉନ୍ନତତର ଅନୁଭୂତି ଏବଂ ସେମାନଙ୍କର ପାର୍ବଣ ସପିଙ୍ଗରେ ଯଥାସମ୍ଭବ ଅଧିକ ସଞ୍ଚୟ କରିବା ସୁଯୋଗ ପ୍ରଦାନ କରିବାକୁ ଆମେ ପ୍ରୟାସ କରିଆସୁଛୁ । ଚଳିତ ବର୍ଷ ଆମେ ଜାତୀୟ ଓ ସ୍ଥାନୀୟ ବ୍ୟବସାୟୀ, ଉଭୟ ଷ୍ଟୋର ମଧ୍ୟରେ ଏବଂ ଅନ୍‌ଲାଇନରେ ଦେଶର ୨୦୦୦ ସହରରେ ୧୦୦୦ରୁ ଅଧିକ ଅଫର୍ ପ୍ରଦାନ କରୁଛୁ, ଯଦ୍ୱାରା ଆମର କାର୍ଡଧାରୀମାନେ ସମସ୍ତ ବର୍ଗରେ ବିପୁଳ ଫାଇଦା ପାଇବାକୁ ସମର୍ଥ ହେବେ । ଏଥିସହିତ ପାର୍ବଣ ସମୟର କ୍ରୟକୁ ଅଧିକ ସୁଲଭ କରିବା ସକାଶେ ଏସ୍‌ବିଆଇ କାର୍ଡ ଗ୍ରାହକମାନେ ୧.୩ ଲକ୍ଷରୁ ଅଧିକ ଷ୍ଟୋରରେ ଇଏମ୍‌ଆଇରେ କିଣାକିଣି କରିବାର ସୁଯୋଗ ନେଇପାରିବେ । କୌଣସି ଅଧିକ ମୂଲ୍ୟ ବିନା ଇଏମ୍‌ଆଇ ସୁବିଧା ଅଧିକ ମୂଲ୍ୟବିଶିଷ୍ଟ ଏବଂ ଲୋକପ୍ରିୟ ଇଲେକଟ୍ରୋନିକ୍ସ ତଥା ମୋବାଇଲ ବ୍ରାଣ୍ଡଗୁଡିକ ନିମନ୍ତେ ମଧ୍ୟ ଉପଲବ୍ଧ ହେଉଛି । ଏହି ଅଫରଗୁଡିକ ଜରିଆରେ ଆମେ ଆମ ଗ୍ରାହକଙ୍କ ପାଇଁ ଏକ ନିରାପଦ ଏବଂ ଲାଭପ୍ରଦ ସପିଙ୍ଗ ଅନୁଭୂତି ପ୍ରଦାନ କରିବା ନେଇ ବହୁତ ଖୁସି ଏବଂ ତାହାଦ୍ୱାରା ସେମାନଙ୍କର ଉତ୍ସବ ପାଳନ ଅଧିକ ଆନନ୍ଦମୟ କରିପାରୁଛୁ ।" ଜାତୀୟସ୍ତରର ଅଫର୍ ସହିତ ଏସ୍‌ବିଆଇ କାର୍ଡ ମଧ୍ୟ କ୍ଷୁଦ୍ର ସହର ଓ ନଗରଗୁଡିକରେ ଗ୍ରାହକଙ୍କ ପାଇଁ ଅନେକ ଅଞ୍ଚଳଭିତ୍ତିକ ଏବଂ ଅତିମାତ୍ରାରେ ସ୍ଥାନୀୟ ଅଫର୍ ପ୍ରସ୍ତୁତ କରିଛି । ଉଦାହରଣସ୍ୱରୂପ ଏସ୍‌ବିଆଇ କାର୍ଡ ଦୁର୍ଗାପୂଜା ଓ ନବରାତ୍ରି ଉତ୍ସବ ପାଳନ ସମୟରେ ଆଞ୍ଚଳିକ ବ୍ରାଣ୍ଡଗୁଡିକ ସହିତ ସହଭାଗିତା କରିଛି ଯାହା ୧୭ଟି ସହରରେ ୧୧୦୦ରୁ ଅଧିକ ଷ୍ଟୋରରେ ୧୨୦ରୁ ଅଧିକ ରିହାତି ଅଫର୍ ସହିତ କ୍ୟାସ୍‌ବ୍ୟାକ ଅଫର, ୪୬ଟି ସହରରେ ୧୦%ରୁ ୫୫% ପର୍ଯ୍ୟନ୍ତ ୭୦୦ରୁ ଅଧିକ ଅତିମାତ୍ରାରେ ସ୍ଥାନୀୟ ଅଫର



ପାବନା ଆଶ୍ରମରେ ଶ୍ରୀ ଶ୍ରୀ ଠାକୁରଙ୍କ ଦିବ୍ୟଲୀଳା

ସେତେବେଳେ ଅଳ୍ପ ଅଳ୍ପ ଶୀତ ଅଛି। ପଦ୍ମାନଦୀର ପାଣି କମିଯାଇଛି। ସମ୍ମୁଖରେ ବିସ୍ତୀର୍ଣ୍ଣ ଚର ପଡ଼ିଛି। ଦୁଇଟି ଚକୁଆ-ଚକୋଇ ପଦ୍ମାର ଚର ଉପର ଦେଇ ଉଡିଯାଉଥିଲେ। ଅତର୍କିତ ଭାବରେ ଗୋଟିଏ ଶିକାରୀ ପକ୍ଷୀ ଦୁଇଟିକୁ ଲକ୍ଷ୍ୟ କରି ଗୁଳି ଛାଡ଼ିଲା। ଗୁଳି ଡେଣାରେ ବାଜିଲେ ମଧ୍ୟ ପକ୍ଷୀ ଦୁଇଟି ଉଡିଯାଇ ଚରର ଗୋଟିଏ ଜାଗାରେ ବସିଲେ। ସେତେବେଳେ ଶ୍ରୀ ଶ୍ରୀ ଠାକୁର ଆଶ୍ରମ ପ୍ରାଙ୍ଗଣର କୁଟୀର ବାରଣ୍ଡାରେ ଥିଲେ। ଗୁଳି ଶବ୍ଦ ଶୁଣି ସେ କହି ଉଠିଲେ, ହାୟ! ପକ୍ଷୀ ଦୁଇଟିକୁ ମାରିଲା ବୋଧହୁଏ। ମୁଁ ଏପରି ଅସହାୟ! ମୁଁ କ'ଣ କରିପାରିବି? - ଏୟା କହି କୁଟୀରରୁ ତଳକୁ ଓହ୍ଲେଇ ଆସି ବନ୍ଧ କଡ଼େ କଡ଼େ ଆଗେଇ ଆସିଲେ ଏବଂ ଚର ଆଡ଼କୁ ଚାହିଁ ବ୍ୟାକୁଳ ଭାବେ ଦଉଡାଦଉଡି କରିବାକୁ ଲାଗିଲେ। ଏହା ମଧ୍ୟରେ ପକ୍ଷୀ ଦୁଇଟି ପ୍ରତି ସେଇ ଶିକାରୀ ଦ୍ୱିତୀୟବାର ଗୁଳି ଛାଡ଼ିଲା। ଏଥିରେ ଶ୍ରୀ ଶ୍ରୀ ଠାକୁର ଅତ୍ୟନ୍ତ ଶୋକାର୍ତ୍ତ ହୋଇ 'ହାୟ, ହାୟ ପକ୍ଷୀ ଦୁଇଟି ମଲେ।' କହି ଆର୍ତ୍ତନାଦ କରି ଉଠିଲେ। ତାଙ୍କ ନିଜ ବକ୍ଷରେ ଯେପରି ଗୁଳିବିଦ୍ଧ ହୋଇଛି ଏହିପରି ଅନୁଭବ କରି ତୀବ୍ର ଯନ୍ତ୍ରଣାରେ ଛଟପଟ ହୋଇ ମାଟିରେ ପଡ଼ି ଆହା ଉହୁ କରିବାକୁ ଲାଗିଲେ। ତାଙ୍କର ଏଇ ଯନ୍ତ୍ରଣା ଦେଖି ଉପସ୍ଥିତ କେହି ହେଲେ ଅଶ୍ରୁ ସମ୍ବରଣ କରିପାରିଲେ ନାହିଁ। ସର୍ବଜୀବ ସହିତ ଏକାତ୍ମତା ଶ୍ରୀ ଶ୍ରୀ ଠାକୁରଙ୍କ ଧାରଣାରେ ଏପରି ସୁପ୍ରତିଷ୍ଠିତ ଯେ ତାଙ୍କ ସମ୍ମୁଖରେ କୌଣସି ପ୍ରାଣୀକୁ ଆଘାତ କଲେ ସେଇ ଆଘାତର ଚିହ୍ନ ତାଙ୍କ ଶରୀରରେ ପରିସ୍ଫୁଟ ହୋଇ ଦେଖାଯାଇଛି। ଏଇ ଘଟଣାଟି ଘଟିଥିଲା ମୁଁ ଶ୍ରୀ ଶ୍ରୀ ଠାକୁରଙ୍କ ସଂସ୍ପର୍ଶରେ ଆସିବାର ଅବ୍ୟବହିତ ପୂର୍ବେ। ଦିନେ ସେ ଘୋଡ଼ା ଗାଡ଼ିରେ ବସି କୁଷ୍ଟିୟାକୁ ବାରାଦି ଗାଁକୁ ଡାକ୍ତର ଗୋପେନ୍ଦ୍ରଚନ୍ଦ୍ର ସାହାଙ୍କ ଘରକୁ ଯାଉଥିଲେ। ଘୋଡ଼ାଗାଡ଼ିରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଚାରିଜଣ ଆରୋହୀ ଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଡାକ୍ତର ସତୀଶଚନ୍ଦ୍ର ଜୋୟାରଦାର, ବୀରେନ୍ଦ୍ରନାଥ ରାୟ (ମୁକ୍ତାର) ଓ ଡାକ୍ତର ଗୋକୁଳଚନ୍ଦ୍ର ମଣ୍ଡଳ। ଘୋଡ଼ାଟି ଥିଲା ଅପେକ୍ଷାକୃତ ଦୁର୍ବଳ। ତେଣୁ ଶୀଘ୍ର ଚାଲି ନପାରିବାରୁ କୋଚମ୍ୟାନ ପାଏଁ ପାଏଁ ତିନି ପାହାର ଚାବୁକା ମାରେ ଘୋଡ଼ା ପିଠିରେ। ଚାବୁକ ମାରିବା ମାତ୍ରେ ହିଁ ଶ୍ରୀ ଶ୍ରୀ ଠାକୁର ଗାଡ଼ିରୁ ଓହ୍ଲେଇ ପଡ଼ିଲେ ଏବଂ ଘୋଡ଼ାର ଖୁବ୍ କଷ୍ଟ ହେଉଛି - ଆସନ୍ତୁ ଆମେ ଚାଲି ଚାଲି ଯିବା। ଏହା କହି ସମସ୍ତଙ୍କୁ ଗାଡ଼ିରୁ ଓହ୍ଲେଇ ପଡ଼ିବାକୁ କହିଲେ। ତାପରେ ଘୋଡ଼ାଗାଡ଼ିଟିକୁ ବିଦାୟ ଦେଇ ସେମାନେ ଚାଲି ଚାଲି ବାରାଦି ଗାଁରେ ପହଞ୍ଚିଲେ। ସେଠାରେ ଯାଇ କିଛି ସମୟ ବିଶ୍ରାମ ନେଇ ଶ୍ରୀ ଶ୍ରୀ ଠାକୁର ହାତମୁହଁ ଧୋଇ ଦେହରୁ ଜାମା ଓ ଚାଦର ଖୋଲି ଶଯ୍ୟାରେ ବିଶ୍ରାମ କରିବାକୁ ଲାଗିଲେ। ତାଙ୍କର ଜଣେ ସଙ୍ଗୀ ତାଙ୍କର ପଦସେବା କରୁ କରୁ ତାଙ୍କ ପିଠିରେ ଚାବୁକ ପାହାରର ତିନୋଟି ଆଘାତର ଚିହ୍ନ ଦେଖି ଚମକିତ ହୋଇ କହିଉଠିଲେ - ଇଏ କ'ଣ! ଆପଣଙ୍କ ପିଠିରେ ତିନୋଟି ଚାବୁକ ମାଡ଼ର ଦାଗ ଆସିଲା କିପରି? ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ-ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଇଥିଲା। ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ। ସଙ୍ଗୀଟି ସେତେବେଳେ ଆଶ୍ଚାର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି। କିନ୍ତୁ ସେଇ ଦାଗ ଆପଣଙ୍କ ଦେହରେ କିପରି ସୃଷ୍ଟି ହେଲା, ତାହା ତ ବୁଝିପାରୁନାହିଁ। ସେତେବେଳେ ସେ କହିଲେ - ଘୋଡ଼ାର କଷ୍ଟଟା ଠିକ୍ ନିଜର କଷ୍ଟ ବୋଲି ଅନୁଭବ କରିଥିଲି ବୋଲି ସମ୍ଭବତଃ ନିଜ ଦେହରେ ସେଇପରି ଚିହ୍ନ ବସିଯାଇଥିବ। ଏହି କଥାଟି ଯେତେବେଳେ ସେଇ ସଙ୍ଗୀଟିର ନିଜ ମୁହଁରୁ ଶୁଣିଥିଲି ସେତେବେଳେ ମୁଁ ନିଜେ ବି ବିଶ୍ୱାସ ସ୍ଥାପନ କରିପାରିନି। କାରଣ, ଏପରି ଘଟଣାର ବାସ୍ତବ ଅଭିଜ୍ଞତା ମୋର ନଥିଲା। ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କର ଆଉ ଦୁଇଜଣ ସହଯାତ୍ରୀଙ୍କୁ ଏବଂ ବାରାଦିର ଡାକ୍ତର ଗୋପେନ୍‌ବାବୁ - ଯାହାଙ୍କ ଘରକୁ ଏମାନେ ଯାଇଥିଲେ - ସେମାନଙ୍କୁ ଅଲଗା ଅଲଗା ଭାବେ ଏହି ବିଷୟରେ ପଚାରିଲି। ସେ ତିନିଜଣ ଯାକ ସମସ୍ତେ କହିଲେ ଯେ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ତିନିଟି ଚାବୁକ୍‌ର ଦାଗ ସେମାନେ ଦେଖିଛନ୍ତି - ଏ କଥା ଧ୍ରୁବ ସତ୍ୟ। କିନ୍ତୁ ଘୋଡ଼ାକୁ ମାରିବା ଚାବୁକର ଦାଗ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ପ୍ରକଟ ହେଲା କିପରି - ଏକଥା ସେମାନଙ୍କ ବୁଦ୍ଧିର ଅଗମ୍ୟ ବା ଏଭଳି ଘଟଣାର ନଜିର କେଉଁଠି ହେଲେ ଅଛି କି ନା ତାହା ସେମାନେ କହିବାକୁ ଅକ୍ଷମ। ମୁଁ ସେତେବେଳେ ସେମାନଙ୍କୁ କହିଥିଲି ଯେ ଏପରି ଘଟଣା ନିଜେ ନ ଦେଖିଲେ ମଧ୍ୟ ପୃଥିବୀ ଇତିହାସରେ ଏପରି ନଜିର ଅଛି। କଥିତ ଅଛି ଯେ ଭଗବାନ ରାମକୃଷ୍ଣ ଦେବ ଯେତେବେଳେ ସ୍ତ୍ରୀଭାବେ ସାଧନା କରୁଥିଲେ ସେତେବେଳେ ତାଙ୍କର ପୁରୁଷ ଦେହରେ ସ୍ତ୍ରୀଅଙ୍ଗର ସମସ୍ତ ଲକ୍ଷଣ ପ୍ରକାଶିତ ହୋଇଥିଲା। ବାରାଦି ଗ୍ରାମର ଉକ୍ତ ଘଟଣା ସଂଘଟିତ ହେବା ପୂର୍ବରୁ ଅନୁରୂପ ଆଉ ଗୋଟିଏ ଘଟଣା ଘଟେ ହିମାଇତପୁରେ। ଶ୍ରୀ ଶ୍ରୀ ଠାକୁର କିଶୋରୀମୋହନ ଦାସଙ୍କ ହିମାଇତପୁର ଶ୍ମଶାନର କଡ଼ ଦେଇ ଯାଉଥିଲେ। ଗୋଟାଏ ଗୋରୁ ସେଠାରେ ଦଉଡିରେ ବନ୍ଧା ହୋଇଥିଲା। ଗୋରୁଟା ଚରୁ ଚରୁ ବେକରେ ଦଉଡି ଲାଗିଥିବା ଅବସ୍ଥାରେ ପଦ୍ମାନଦୀର ପଠାରୁ ତଳକୁ ପଡ଼ିଯାଏ ଏବଂ ଦଉଡିରେ ନଟକି ରହିଥାଏ ଆଉ ପ୍ରାଣପଣେ ଡାକ ଛାଡୁଥାଏ। ତାର ଏଇ ଆର୍ତ୍ତନାଦ ଶୁଣି କିଶୋରୀଦା ଓ ଶ୍ରୀ ଶ୍ରୀ ଠାକୁର ଦୌଡ଼ିଯାଇ ଗୋରୁଟାକୁ ଏଇ ଅବସ୍ଥାରେ ଦେଖନ୍ତି। ଶ୍ରୀ ଶ୍ରୀ ଠାକୁରଙ୍କ ଇଙ୍ଗିତରେ କିଶୋରୀଦା ତଡ଼ିତ ବେଗରେ ଲମ୍ଫଦେଇ ତଳେ ପଡ଼ିଲେ ଓ ଗୋରୁଟାର ପଛରୁ ଧରି ଖୁବ୍ ଜୋରରେ ଉପରକୁ ଠେଲୁଥାନ୍ତି ଆଉ ଶ୍ରୀ ଶ୍ରୀ ଠାକୁର ଉପରୁ ସେଇ ଦଉଡି ଧରି ଟାଣୁଥାନ୍ତି। ଏହିପରି କରି ଅତି କଷ୍ଟରେ ଗୋରୁଟାକୁ ଉପରକୁ ଟେକାହୁଏ। ଖୁବ୍ ଜୋରରେ ଦଉଡି ଭିଡ଼ି ହୋଇଯାଇଥିବାରୁ ଗୋରୁଟିର ବେକରେ ଦଉଡିର ଦାଗର ଚିହ୍ନ ସ୍ପଷ୍ଟ ଦେଖାଯାଏ। ଗୋରୁଟାକୁ ଏହିପରି ଭାବେ ମରଣ ହାତରୁ ରକ୍ଷା କରିବା ପରେ କିଶୋରୀଦାଙ୍କର ଅଲକ୍ଷ୍ୟରେ ଶ୍ରୀ ଶ୍ରୀ ଠାକୁର ଲୁଗାର ଖୋସାଣି ଖୋଲି ସଙ୍ଗେ ସଙ୍ଗେ ନିଜ ବେକରେ ଗୁଡ଼ାଇଲେ ଏବଂ ଦୁହେଁ ଆଶ୍ରମକୁ ଫେରିଆସିଲେ। ଆଶ୍ରମକୁ ଫେରିଆସି ଶ୍ରୀ ଶ୍ରୀ ଠାକୁର ବେକରେ ଗୁଡ଼ାଇଥିବା ଲୁଗା ଖୋଲିବା ମାତ୍ରେ କିଶୋରୀଦା ଦେଖିପାରିଲେ - ବେକରେ ଦଉଡି ଦେଇ ଜୋର କରି ବାନ୍ଧିଲେ ଯେପରି ଚିହ୍ନ ପଡ଼ିଯାଏ ଶ୍ରୀ ଶ୍ରୀ ଠାକୁରଙ୍କ ବେକରେ ଅନୁରୂପ ଚିହ୍ନ ପ୍ରକାଶ ପାଉଛି। ସେ ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କୁ ପଚାରିଲେ ଆପଣଙ୍କ ବେକରେ ଏପରି ଦାଗ ଆଗରୁ ତ କେବେ ଦେଖିନି। ଏ ଦାଗ ଆସିଲା କେଉଁଠୁ? ଶ୍ରୀ ଶ୍ରୀ ଠାକୁର - ଗୋରୁଟାର ବେକରେ ଖୁବ୍ ଜୋରରେ ଦଉଡି ଟଣାର ଦାଗ ପଡ଼ିଯାଇଥିଲା। ତେଣୁ ମୋ ବେକରେ ବି ସେହିପରି ଦାଗ ହୋଇଛି। କିଶୋରୀଦା ଶ୍ରୀ ଶ୍ରୀ ଠାକୁରଙ୍କ ପାଖରୁ ଏଇ କଥା ଶୁଣି ହତଭମ୍ବ ହୋଇଗଲେ। ଭାବିବାକୁ ଲାଗିଲେ - ଏହା କିପରି ସମ୍ଭବ? ତା ହେଲେ କ'ଣ କହିବାକୁ ହେବ ଯେ ସେ ପ୍ରତ୍ୟେକ ଜୀବର ସତ୍ତା ସହ ଓତଃପ୍ରୋତ ଭାବେ ଜଡ଼ିତ? ସେମାନଙ୍କର ସୁଖଦୁଃଖ କଣ ନିଜର ସୁଖଦୁଃଖ ବୋଲି ଅନୁଭବ କରନ୍ତି? ଯିଏ ସମଗ୍ର ବିଶ୍ୱକୁ ସତ୍ୟ-ସତ୍ୟ ଆପଣାର ଅଙ୍ଗ ବୋଲି ଅନୁଭବ କରନ୍ତି ତାଙ୍କ ପକ୍ଷରେ ଏପରି ଅନୁଭବ କରିବା ସମ୍ଭବ। ଏପରି ସର୍ବବ୍ୟାପୀ ପ୍ରେମ ଯାହାଙ୍କର ଭିତରେ ମୂର୍ତ୍ତ ହୋଇଉଠେ ସେ ପ୍ରେମର ମୂର୍ତ୍ତିମାନ ବିଗ୍ରହ, ପ୍ରେମାବତାର। ଜଗତର କଲ୍ୟାଣ ପାଇଁ ଏପରି ମହାମାନବର ଆବିର୍ଭାବ କ୍ୱଚିତ୍ କେବେ କେବେ ହୋଇଥାଏ।

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର,
ସହ-ପ୍ରତିରକ୍ଷିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

ପରିବାରକୁ ନିଆଁପାଣି ବାଛନ୍ଦ ଅଭିଯୋଗ

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଥାନା ଅନ୍ତର୍ଗତ ଟାଙ୍ଗରାତୈଳା ଗ୍ରାମର ବନ୍ଧୁ ଚରଣ ସିୟଙ୍କ ପୁଅ ରାଜେଶ କୁମାର ସିୟ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ ତାଙ୍କର ଇଜିମାଇଲି ଘରବାରି ବୃତ୍ତିରେ ତାଙ୍କ ଭୋଗଦଖଲରେ ଥିବାବେଳେ ତାହାର କୌଣସି ଭାଗବଣ୍ଟା କିମ୍ବା ସୀମା ନିର୍ଦ୍ଧାରଣ ହୋଇନାହିଁ । ସେଥିପାଇଁ ତାଙ୍କ ପିତା ପଟ୍ଟାମୁଣ୍ଡାଇ ସବ୍‌ଜଜଙ୍କ କୋର୍ଟରେ ସିଏସ ନମ୍ବର-୧୪୨/୨୦୧୯ ଓ ଆଇଏ ୧୪୫/୨୦୧୯ରେ ଆବେଦନ ଦାଖଲ କରିବା ପରେ କୋର୍ଟ ସେହି ଜମି ଉପରେ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଉଭୟ ପକ୍ଷଙ୍କୁ ଆଦେଶ ଦେଇଛନ୍ତି। କିନ୍ତୁ ଅପରପକ୍ଷ ଜୋରଜବରଦସ୍ତି କୋର୍ଟଙ୍କ ଆଦେଶ ବିରୋଧରେ ସେହି ବିବାଦୀୟ ଜମି ଉପରେ ଆବାସ ଯୋଜନାରେ ଗୃହ ନିର୍ମାଣ କରିବାକୁ ପ୍ରଚେଷ୍ଟା କରୁଥିବା ସମ୍ପର୍କରେ ରାଜେଶ ବର୍ଷେ ହେବ ରାଜନଗର ତହସିଲଦାର, ବିଡିଓ ଏବଂ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଆସୁଛନ୍ତି। ଅନ୍ୟପକ୍ଷରେ ନ୍ୟାୟ ପାଇବାକୁ ବନ୍ଧୁ କୋର୍ଟରେ କେଶ କରିଥିବାରୁ ଅପରପକ୍ଷଙ୍କ ସହ ମିଶି ଗ୍ରାମର କେତେକ ପ୍ରଭାବଶାଳୀ ଲୋକ ବନ୍ଧୁଙ୍କ ପରିବାରକୁ ଗ୍ରାମରେ ନିଆଁପାଣି ବାଛନ୍ଦ କରିଥିବା ସମ୍ପର୍କରେ ରାଜେଶ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରାଜନଗର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

ଘରେ ପହଞ୍ଚିବ ଯୋଗ: ଶିବାନନ୍ଦ ଯୋଗ ବେଦାନ୍ତ ଏକାଡେମୀର ଅଭିନବ ପ୍ରୟାସ

ଭୁବନେଶ୍ୱର (ପିଏନ୍): ଏଣିକି ଘରେ ପହଞ୍ଚିବ ଯୋଗ। ଘରକୁ ଘର ବୁଲି ଯୋଗ ଶିଖାଇବେ ଅଭିଜ୍ଞ ତାଲିମପ୍ରାପ୍ତ ଯୋଗ ଶିକ୍ଷକ। ଯୋଗ ଶିକ୍ଷାର ମହତ୍ୱ ଏହାର ଉପକାରିତାକୁ ବ୍ୟାପକ ରୂପେ ପ୍ରଚାର, ପ୍ରସାର ଓ ଲୋକାଭିମୁଖୀ କରିବା ପାଇଁ ଶିବାନନ୍ଦ ଯୋଗ ବେଦାନ୍ତ ଏକାଡ଼େମୀ ଏହି ଅଭିନବ ପ୍ରୟାସର ଶୁଭାରମ୍ଭ କରିଛି। ଅନେକ କ୍ଷେତ୍ରରେ ଦେଖିବାକୁ ମିଳେ ଯେଉଁଠି ରୋଗୀ ନିଜର ରୋଗ ଉପଶମ ପାଇଁ ଡ଼ାକ୍ତରଙ୍କ ପାଖରେ ହେଉ କି ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲରେ ହେଉ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସର୍ବସ୍ୱାନ୍ତ ହୋଇ ରୋଗ ଭଲ ହୋଇନଥାଏ। ମନେରଖିବା ଉଚିତ୍ ଯୋଗ ଏକମାତ୍ର ସାଧନ ଯାହା ଦ୍ୱାରା ଅନେକ ଦୂରାରୋଗ୍ୟକୁ ସାଧ କରାଯିବାର ଦୃଷ୍ଟାନ୍ତ ରହିଛି। ପୁରାଣ ପୃଷ୍ଠାରୁ ଜଣାପଡ଼େ ଅତୀତରେ ମୁନିଋଷିମାନେ ଯୋଗ ଦ୍ୱାରା ଦୀର୍ଘାୟୁପ୍ରାପ୍ତି ଓ ସୁସ୍ଥ ଜୀବନ ଜୀଇଁବାର ସୂତ୍ର ପାଇବାର ଅନେକ ଦୃଷ୍ଟାନ୍ତ ରହିଛି। ସମ୍ପ୍ରତି ଯୋଗ ପ୍ରତି ଧୀରେ ଧୀରେ ଲୋକମାନଙ୍କ ଆଦର ବଢୁଥିଲେ ମଧ୍ୟ ଅଭିଜ୍ଞ, ତାଲିମପ୍ରାପ୍ତ ଯୋଗ ଶିକ୍ଷକ ମାନଙ୍କର ଯଥେଷ୍ଟ ଅଭାବ ଆମ ରାଜ୍ୟରେ ରହିଛି। ଯୋଗ ଶିକ୍ଷକ ସୃଷ୍ଟି ଦିଗରେ ଶିବାନନ୍ଦ ବେଦାନ୍ତ ଏକାଡ଼େମୀ ରାଜ୍ୟର ଏକ ଅଗ୍ରଣୀ ଓ ପ୍ରମୁଖ ଶିକ୍ଷାନୁଷ୍ଠାନ। ଯାହା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ। ଏବେ ଏକାଡ଼େମୀ ତାଲିମପ୍ରାପ୍ତ ଅଭିଜ୍ଞ ମହିଳା ଓ ପୁରୁଷ ଯୋଗ ଶିକ୍ଷକ ଗଢିବାରେ ଅହରହ ଉଦ୍ୟମ ଜାରି ରଖିଛି। ସମ୍ପ୍ରତି ବାର୍ଦ୍ଧକ୍ୟ ଅବସ୍ଥାରେ ଯୋଗ, ପିଲାମାନଙ୍କ ପାଇଁ ଯୋଗ, ରୋଗ ପାଇଁ ଯୋଗ ଏବଂ ଓଜନ ହ୍ରାସ ପାଇଁ ଯୋଗ ଇତ୍ୟାଦି କ୍ଷେତ୍ରରେ ସେବା ଯୋଗାଇବା ପାଇଁ ଦୈନିକ ଯୋଗ ଶିକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ବୋଲି ଏକାଡ଼େମୀର ଅଧ୍ୟାପକ ପ୍ରଫୁଲ୍ଲ କୁମାର ବେହେରା ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି। ଅଧିକ ସୂଚନା ପାଇଁ ଭୁବନେଶ୍ୱର ଗୌତମ ନଗରସ୍ଥିତ ପ୍ଲଟ ନଂ-୧୧୫, ଶିବାନନ୍ଦ ଯୋଗ ବେଦାନ୍ତ ଏକାଡ଼େମୀ ସହ ଯୋଗାଯୋଗ କରିପାରିବେ। ନଚେତ୍ ଏକାଡ଼େମୀର ହେଲ୍ପଲାଇନ ଦୂରଭାଷ ନମ୍ବର ୯୬୯୦୫୭୬୬୩୭, ୯୪୩୭୭୬୪୦୯୫ ସହ ଯୋଗାଯୋଗ ପାଇଁ ଏକାଡ଼େମୀ ପକ୍ଷରୁ ନିବେଦନ କରାଯାଇଛି।

ମାଳିକା ବଚନରେ ଅଛି...

'ଆଗ ମରିବେ ସୂତ୍ରଧାରୀ, ମଧ୍ୟେ ମରିବେ ବଣିଜାରୀ, ଶେଷେ ମରିବେ କୃଷିକାରୀ।' ସୂତ୍ରଧାରୀଥିବା ବୃତ୍ତିଜିବୀ ବା ସୂତାର ଭୂଷଣରେ ପରିଚିତ ଥିବା ମନୁଷ୍ୟମାନେ, ଏଠାରେ ପ୍ରଥମେ ପଇତା ପକାଉଥିବା ବ୍ରାହ୍ମଣ, ଗ୍ରହବିପ୍ର, ଦୀକ୍ଷିତ ବ୍ୟକ୍ତି, ସନ୍ନ୍ୟାସୀଙ୍କୁ ବୁଝାଉଛି। ତନ୍ତୀ, ତୁଳାଭିଣା, ସୂତା ବ୍ୟବସାୟୀଙ୍କୁ ସୂତା ନେଇ ବଞ୍ଚିବା ଦର୍ଶାଉଛି। ଅରଟରେ ସୂତା କାଟି ନଖି ବଳିତା ପ୍ରସ୍ତୁତକାରୀ ଏମାନଙ୍କୁ ବୁଝାଉଛି। ଅରଟ ଚିହ୍ନ କଂଗ୍ରେସ ପାର୍ଟି ପତାକାରେ ଅଛି। ସେ ଦଳ ବଢ଼େଇମାନେ କାଠରେ ଦାଗ ଦେଇ କାଠ କାଟନ୍ତି, ଧାତବ ଚାଦରରେ ବା ଲୁହାଖଣ୍ଡରେ ଚକ ଖଡ଼ି ପେନସିଲର ସୂତାର ଦାଗ ଦେଇ ଗ୍ରାମ୍ୟ କମାର ଲୁହା ବା ଧାତୁଖଣ୍ଡକୁ ବିଚ୍ଛିନ୍ନ କରନ୍ତି। ଏମାନେ ବି ସୂତ୍ରଧର କୁମ୍ଭାର ହାଣ୍ଡି ମାଠିଆଦି ମାଟି ପିଣ୍ଡୁଳାକୁ ଚକ୍ରରେ ଘୁରାଇ ହାତକୌଶଳରେ ତାର ରୂପର ଉପରଭାଗ ପ୍ରସ୍ତୁତ କରି ଏକ ସୂତାରେ ଚକ୍ର ଉପର ମାଟିରୁ ବିଚ୍ଛିନ୍ନ କରନ୍ତି ଅତଏବ ଏବି ସୂତ୍ରଧର ଏମିତି କିଛି ସୂତ୍ରଧାରୀ ପ୍ରତ୍ୟକ୍ଷରେ ରହିଛନ୍ତି। ଭିନ୍ନ ସୂତ୍ରଧାରୀ ହେଲେ ଏକ ସମ୍ଭବନାକୁ ବୃତ୍ତି ରୂପେ ପସନ୍ଦ କରି ଜୀବିକା ଚଳାନ୍ତି। ଏ ମଧ୍ୟରେ ଓକିଲଙ୍କ ପରି ଆଇନଜୀବୀ, ବ୍ୟବହାରଜିବି, ମୋହରିର ମଧ୍ୟସ୍ଥି, ଦଲାଲ, ଖବରକାଗଜରେ ବୃତ୍ତି ଚଳାଉଥିବା ମାସିକ ପାକ୍ଷିକ ସପ୍ତାହି ପତ୍ରିକା ସମ୍ପାଦନକାରୀ ଜ୍ୟୋତିଷୀ, ଗାଡ଼ି ମାଲିକ ଡ୍ରାଇଭର, କଣ୍ଡକ୍ଟର, କ୍ଲିନର, ଗ୍ୟାରେଜ ଏ ସମ୍ବନ୍ଧ ବୃତ୍ତିରେ, ଜୀବିକାଧାରୀ, ଶିକ୍ଷା ଅନୁଷ୍ଠାନ, ଘରୋଇ ଶିକ୍ଷକ, ଏମଧ୍ୟରେ ଆସିବେ ଯେଉଁମାନେ ସୂକ୍ଷ୍ମ ସୂତ୍ରରେ ବଞ୍ଚୁଛନ୍ତି। ସଙ୍ଗୀତଜ୍ଞ ଅପେରା ପାର୍ଟିର ନଟନଟୀ ବାଜାଦାର, ଫିଲମ ଧନ୍ଦା, ନର୍ତ୍ତନ ବିଦ୍ୟାରେ ଜଡ଼ିତ ଏମାନେ ବି ସୂକ୍ଷ୍ମ ସୂତ୍ରଧର ଧନ୍ଦାରେ ଜୀବିକା ଚଳାନ୍ତି। ଏସବୁ ସୂତ୍ରଧାରୀ ଧନ୍ଦାରେ ଆସି ତାଙ୍କୁ ଆଗ ନାଶ ଦିଗକୁ ଭିଡ଼ିବ। ତନ୍ତୀଙ୍କର ସୂତା ନ ହେଲେ ବୃତ୍ତିନାହିଁ। କାଳକ୍ରମେ ବଡ଼ ବଡ଼ କାରଖାନାରେ ଲୁଗା ପ୍ରସ୍ତୁତ ହୋଇ ବଜାରକୁ ସୂତା ଛଡ଼ାଗଲା ନାହିଁ। ଶେଷରେ ସୂତାକଳ, ଲୁଗାକଳ ଚଟକଳ ପରି ସଂସ୍ଥାରେ ବୃତ୍ତି ଧରିବା ଲୋକେ କାରଖାନାର କଳ ବନ୍ଦ ଯୋଗୁ ବେକାର ହୋଇ ଗୃହାଭିମୁଖୀ ହେଲେ। ଏହି ସୂତ୍ରଧରଙ୍କ କାହାଣୀ ବହୁ ଦୁଃଖଦ। ବାଣିଜ୍ୟକାରୀମାନେ ଅନେକ ବଡ଼ରୁ ଅନେକ ଛୋଟ ଅଛନ୍ତି। ଛୋଟ ବଣିଜଙ୍କର ଆସ୍ଥା ବଡ଼ ବାଣିଜ୍ୟ ସଂସ୍ଥାରେ ଥାଏ। ଏ ପାଇଁ ପାଇକାରୀ ଖୁଚୁରା ଧନ୍ଦା ଥାଏ। ପଣ୍ୟଦ୍ରବ୍ୟ ସଂଗ୍ରହ କରି ଏକାଠି କରି ରଖି ତାକୁ ଖୁଚୁରା ବଣିକଙ୍କ ଦ୍ୱାରା ଖାଉଟି ଗ୍ରାହାକଙ୍କ ପାଖରେ ପହଞ୍ଚାଇବା କାର୍ଯ୍ୟ ସର୍ବଦା ଚାଲିଆସେ। ମାତ୍ର ଏମିତି ସମୟ ଆସିଲା ପଣ୍ୟ ଦ୍ରବ୍ୟ ପ୍ରସ୍ତୁତ ସ୍ଥାନ ଉପରେ ବଡ଼ ବଣିକଙ୍କର ଅଧିକାର ଆସିଗଲା ଓ ବଜାର ଭାଉ ନିୟନ୍ତ୍ରଣ କ୍ଷମତା ତାଙ୍କ ହାତକୁ ଆସିଗଲା। ସେମାନେ ଖୁଚୁରାଙ୍କୁ ଦେଖିବାକୁ ଆଉ ପସନ୍ଦ ନକରି ସିଧାସିଧା ଖାଉଟିଙ୍କୁ ବିକ୍ରୟ ପାଇଁ ଚେଷ୍ଟା ଆରମ୍ଭ କଲେ। ସରକାର କରିଥିବା ସହଯୋଗ ସମିତି ନିୟମକୁ କୌଶଳରେ ଆପଣେଇ

ପୁରୀ ଏବଂ ରାଉରକେଲା ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର: ରାଉରକେଲା ଏବଂ ପୁରୀ ମଧ୍ୟରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବା ପାଇଁ ରେଳବାଇ ପକ୍ଷରୁ ନିଷ୍ପତି ନିଆଯାଇଛି ।ପୂର୍ବ ତଟ ରେଳବାଇ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦିଆ ଯାଇଛି । ମିଳିଥିବା ସୂଚନା ଅନୁସାରେ ରାଉରକେଲା ଠାରୁ ଏହି ଟ୍ରେନ୍ ଅଗଷ୍ଟ ମାସ ୨୪ ତାରିଖ ଠାରୁ ଛାଡି ପୁରୀ ଅଭିମୁଖେ ଯାତ୍ରା କରିବ ଏବଂ ପୁରୀରୁ ଅଗଷ୍ଟ ମାସ ୨୫ ତାରିଖ ଠାରୁ ଛାଡି ରାଉରକେଲା ଅଭିମୁଖେ ଯାତ୍ରା ପ୍ରାରମ୍ଭ କରି ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ । ରାଉରକେଲା ଠାରୁ ଏହି ଟ୍ରେନ୍ ପୂର୍ବାହ୍ନ ୮ଘ.୦୫ମି.ରେ ଛାଡିବାକୁ ଥିବାବେଳେ ପୁରୀ ଠାରୁ ଏହି ଟ୍ରେନ ଭୋର ୪ଘ.୩୫ମି.ରେ ଛାଡିବ ।ତାଳଚେର ଓ ସମ୍ବଲପୁର ରେଳ ସେକ୍ସନରେ ଦୋହରୀକରଣ କାର୍ଯ୍ୟ ସମ୍ପାଦନ ପାଇଁ ଏବଂ ଯାତ୍ରୀ ମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ଟ୍ରେନ କୁ ରାଉରକେଲା ଓ ସମ୍ବଲପୁର ମଧ୍ୟରେ ଚଳାଚଳ କରାଇବାପାଇଁ ମଧ୍ୟ ନିଷ୍ପତି ନିଆଯାଇଅଛି । ଏହି ଟ୍ରେନ ଅଗଷ୍ଟ ମାସ ୧୩ ତାରିଖ ଠାରୁ ୨୩ ତାରିଖ ମଧ୍ୟରେ ରାଉରକେଲାରୁ ଛାଡି ସମ୍ବଲପୁର ଯାତ୍ରାକରିବାକୁ ଥିବାବେଳେ ଏହା ଅଗଷ୍ଟ ମାସ ୧୪ ତାରିଖ ଠାରୁ ୨୪ ତାରିଖ ମଧ୍ୟରେ ସମ୍ବଲପୁର ଠାରୁ ଛାଡି ରାଉରକେଲା ଯାତ୍ରା କରିବ ।

ପଛୁଆ ବର୍ଗ ସ୍ଥାନ ସଂରକ୍ଷଣ ନେଇ ବିଜେପିର ଅଭିଯୋଗ ମନଗଢା: ବିଜେଡି

ଭୁବନେଶ୍ୱର: ବିଜେପି ନେତା ପିତାମ୍ବର ଆଚାର୍ଯ୍ୟ ଜଣେ ଅଭ୍ୟାସଗତ ମିଛୁଆ ଏବଂ ତାଙ୍କ କଥାକୁ କେହି ଗମ୍ଭୀରତାର ସହ ଗ୍ରହଣ କରନ୍ତି ନାହିଁ । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଦ୍ୱାରା ପଛୁଆ ବର୍ଗ ପାଇଁ ୨୭% ସଂରକ୍ଷଣ ସମ୍ପର୍କରେ ସେ ପୁଣିଥରେ ମିଥ୍ୟା ଓ ମନଗଢା କଥା କହିଥିବା ଦର୍ଶାଇଛନ୍ତି ବିଜେଡି ମୁଖପାତ୍ର ଲେନିନ ମହାନ୍ତି । ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି କହିଛନ୍ତି ଯେ ଯେତେବେଳେ ନିର୍ବାଚନ ଆସେ ସେତେବେଳେ ସେ ନିଜ ଚେହେରା ଦେଖାନ୍ତି ଏବଂ ପରବର୍ତୀ ନିର୍ବାଚନ ଆସିବା ପର୍ଯ୍ୟନ୍ତ ଅଦୃଶ୍ୟ ହୋଇଯାଆନ୍ତି । ଶ୍ରୀ ଆଚାର୍ଯ୍ୟ ମିଛ କହିବାରେ ଏତେ ଅଭ୍ୟସ୍ତ ଯେ ବର୍ତମାନ ଓଡ଼ିଶା ବିଜେପି ତାଙ୍କୁ ମିଛ କହିବା ପାଇଁ ବ୍ୟବହାର କରୁଛି ଏବଂ ଶ୍ରୀ ଆଚାର୍ଯ୍ୟ ମଧ୍ୟ ଏହି ବ୍ୟବହାରରେ ଅଭ୍ୟସ୍ତ ହେଉଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ଶବ ନେଇ ଆମ୍ବୁଲାନ୍ସ ଠିଆ ହେଲା ୬ ଘଣ୍ଟା, ପ୍ରଶାସନ ହସ୍ତକ୍ଷେପରେ ଅନ୍ୟତ୍ର ହେଲା ସଂସ୍କାର

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲା ଫିରିଙ୍ଗିଆଠାରେ ଜଣେ କରୋନା ସଂକ୍ରମିତଙ୍କର ମୃତ୍ୟୁ ହେବାପରେ ପ୍ରଶାସନ ତରଫରୁ ଅସ୍ଥାୟୀ ଭାବରେ ନିର୍ଦ୍ଧାରଣ କରାଯାଇଥିବା ଶ୍ମଶାନରେ ଶବଦାହ କରିବାକୁ ବିରୋଧ କରି ଅଂଚଳବାସୀ ଶବ ନେଇଥିବା ଆମ୍ବୁଲାନ୍ସକୁ ୬ ଘଣ୍ଟା ଧରି ଅଟକାଇବା ସହିତ ସେଠାରେ ଶବଦାହ କରିବାକୁ ବିରୋଧ କରିବାରୁ ଅଡୁଆରେ ପଡିଥିଲେ ମୃତକଙ୍କ ପରିବାର ଲୋକେ । ଫଳରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପହଂଚି ଲୋକଙ୍କୁ ବୁଝାସୁଝା କରିବାପରେ ମଧ୍ୟ ସେଠାରେ ଥିବା ଲୋକମାନେ ସବୁବେଳେ ଯାତାୟାତ କରୁଥିବାରୁ ସେଠାରେ କୋଭିଡ୍ ରୋଗୀର ଶବକୁ ପୋଡିବାକୁ ବିରୋଧ କରିଥିଲେ । ଫଳରେ ପ୍ରଶାସନ ଓ ପୋଲିସ ଉଦ୍ୟମରେ ଅନ୍ୟ ଏକ ଜନଶୂନ୍ୟ ତଥା ଜନବସତି ଠାରୁ ଦୂରବର୍ତି ସ୍ଥାନରେ ଶବକୁ ସଂସ୍କାର କରାଯାଇଛି । ସୂଚନା ଅନୁସାରେ, ଗତକାଲି ଫୁଲବାଣୀ କୋଭିଡ ହସାପିଟାଲରେ ଚିକିତ୍ସିତ ଅବସ୍ଥାରେ ଫିରିଙ୍ଗିଆ ଅଂଚଳର ଭାଗବତ ବେହେରା(୬୫)ଙ୍କର ମୃତ୍ୟୁ ହୋଇଥିଲା । କୋଭିଡ ହସପିଟାଲ କର୍ତୃପକ୍ଷ ଆଜି ଭୋର ସମୟରେ ମୃତକଙ୍କର ପରିବାର ଲୋକଙ୍କ ଘରକୁ ନେଇ ଏକ ଆମ୍ବୁଲାନ୍ସରେ ଶବକୁ ହସ୍ତାନ୍ତର କରିବା ସହିତ ଫିରିଙ୍ଗିଆରେ ପ୍ରଶାସନ ଦ୍ୱାରା ଅସ୍ଥାୟୀ ଭାବରେ ସ୍ଥିରିକୃତ ଶ୍ମଶାନରେ ଶବକୁ ଦାହ ସଂସ୍କାର କରିବାକୁ ନେଇଥିଲେ । ଏହା ଜାଣିବାରେ ସେହି ଆଖପାଖରେ ଥିବା ମଝିପଡା, ଫିରିଙ୍ଗିଆ ଉପରପଡା, ନାହାନାଗାଁ, ଘାଟିସାହି ଆଦି ଅଂଚଳରେ ଥିବା ଲୋକମାନେ ସେଠାରେ କରୋନା ରୋଗୀଙ୍କ ଶବ ଦାହ କରିବାକୁ ବିରୋଧ କରିବା ସହିତ କିଛି ସମୟପାଇଁ ସେହି ଅଂଚଳରେ ଥିବା ମଝିପଡା ଘାଟି ନିକର ରାସ୍ତାରେ ରାସ୍ତାରୋକ କରିଥିଲେ । ଫଳରେ ସେଠାରେ ଥିବା କାଶୀନିପଦର ଓ ଫିରିଙ୍ଗିଆ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା । ଖବର ପାଇବାପରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଫିରିଙ୍ଗିଆ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପୁଲିସ ଫୋର୍ସ ସହ ସେଠାରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ । ସେଠାରେ ନେତୃସ୍ଥାନୀୟ ବ୍ୟକ୍ତି ମାନଙ୍କର ସହାୟତାରେ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରାଯାଇଥିଲା । ହେଲେ ସେମାନେ ଏଥିରେ ରାଜି ନହେବାରୁ ମଝିପାଡା ଘାଟି ନିକଟରେ ଥିବା ଏକ ନିରୋଳା ଯାଗାରେ ଶବକୁ ସଂସ୍କାର କରାଯାଇଥିଲା । ମୃତ ଭାଗବତ ବେହେରା ଫିରିଙ୍ଗିଆ ଅଂଚଳର ଜଣେ ଜଣାଶୁଣା ବ୍ୟବସାୟୀ ହୋଇଥିବାରୁ ତାଙ୍କ ବିୟୋଗରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ଶୋକରେ ଆଜି ଫିରିଙ୍ଗିଆର ସମସ୍ତ ଦୋକାନ ବଜାର ବନ୍ଦ ରହିଛି ।

ବ୍ରହ୍ମପୁର ମହାନଗର ନିଗମ

ସର୍ବସାଧାରଣଙ୍କ ସକାଶେ ଜରୁରୀ ପରାମର୍ଶ

Do

୧. ଆପଣଙ୍କ ଘର/ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁକୁ ଶାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁକୁ ନୀଳ ରଙ୍ଗର ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ପ୍ରଦତ୍ତ ଆବର୍ଜନା ସଂଗ୍ରହ କରି ଯାନରେ ପକାନ୍ତୁ ।

୨. ପ୍ରାଧିକୃତ ବ୍ୟକ୍ତିଙ୍କୁ କିମ୍ବା ଆମ ସହର ମୋବାଇଲ୍ ଆପ୍ଲିକେସନ ମାଧ୍ୟମରେ ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ପ୍ରଦାନ କରନ୍ତୁ ।

୩. ପ୍ଲାଷ୍ଟିକ ବହନ ବ୍ୟାଗ, କପ୍, ପ୍ଲାଷ୍ଟିକ ଚାମଚ ଇତ୍ୟାଦି ବ୍ୟବହାରକୁ କମ୍ କରନ୍ତୁ ।

୪. ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ ।

୫. ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ତିନି ବର୍ଷରେ ଥରେ ସଫା କରନ୍ତୁ ।

୬. ଅତି କମରେ ନିଜର ୫ ମିଟର ପରିସର ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ ।

Do't Do

୧. ଗୋଟିଏ ଡଷ୍ଟବିନରେ ଅଳିଆ ମିଶ୍ରଣ କରନ୍ତୁ ନାହିଁ ।

୨. ପରିମଳ ବର୍ଜ୍ୟବସ୍ତୁ ଏବଂ ଘରୋଇ ବିପଜ୍ଜନକ ବର୍ଜ୍ୟବସ୍ତୁକୁ ଅନ୍ୟ ବର୍ଜ୍ୟବସ୍ତୁ ସହିତ ମିଶ୍ରଣ କରନ୍ତୁ ନାହିଁ ।

୩. ବାଲକୋନି / ଝରକାରୁ ଅଳିଆ ପକାନ୍ତୁ ନାହିଁ ।

୪. ଶୌଚାଳୟକୁ ନାଳ ସହ ସଂଯୋଗ କରନ୍ତୁ ନାହିଁ ।

୫. ନିଜର ୫ ମିଟର ପରିସରକୁ ଅପରିଷ୍କାର କରନ୍ତୁ ନାହିଁ ।

ବ୍ରହ୍ମପୁର ମହାନଗର ନିଗମ ତରଫରୁ ଅଖିଳ ଭାରତ ସ୍ୱାୟତ ଶାସନ ଦିବସ ଉପଲକ୍ଷେ ବ୍ରହ୍ମପୁର ସହରବାସୀଙ୍କୁ ଶୁଭେଚ୍ଛା

କମିଶନର
ବ୍ରହ୍ମପୁର ମହାନର ନିଗମ

ପ୍ରଶାସକ
ବ୍ରହ୍ମପୁର ମହାନର ନିଗମ

ଆଜିର ଚର୍ଚ୍ଚା

ଖଣ୍ଡପଡ଼ା: ସାରା ବିଶ୍ୱ ଏବେ ମହାମାରୀ କରୋନା କବଳିତ । କେନ୍ଦ୍ର ତଥା ରାଜ୍ୟ ସରକାର ଏବଂ ପ୍ରଶାସନ ପକ୍ଷରୁ ଏ ସଂପର୍କରେ ସଚେତନତା ସୃଷ୍ଟି କରାଯାଉଥିଲେ ହେଁ ଅନେକ ଏହାକୁ ବେଖାତିର କରି ଖୁଲମଖୁଲା ବିନା ମାସ୍କ ଓ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ନଦେଇ ବାହାରେ ବୁଲାବୁଲି କରୁଛନ୍ତି । ଯାହାକି ମାନବ ସମାଜ ପ୍ରତି କ୍ଷତି ଘଟାଇବ । ପାର୍ବଣ ଋତୁ ଅବସରରେ କରୋନା କଟକଣା କଡାକଡି କରିବାର ନିହାତି ଆବଶ୍ୟକତା ରହିଛି । କରୋନାର କରାଳ ରୁପ ୨ୟ ଲହରରେ ସ୍ପଷ୍ଟବାରି ହୋଇ ପଡିଥିବା ବେଳେ ଏବେ ୩ୟ ଲହରର ପ୍ରକୋପ ଆରମ୍ଭ ହୋଇଯାଇଛି । ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ନିମନ୍ତେ ରାଜ୍ୟ ସରକାର ସଜାଗ ରହି କଟକଣାକୁ ଆହୁରି ଅଧିକ କଡାକଡି ଭାବେ ଲାଗୁ କରିବାକୁ ନିବେଦନ କରୁଛି ।

ଜ୍ୟୋତ୍ସ୍ନା ମହାରଣା,ଅଧ୍ୟାପିକା ସରକାରଙ୍କ କଟକଣା ସତ୍ତ୍ୱେ ଜନସାଧାରଣ ସଚେତନ ହେଉନାହାନ୍ତି । ଏବେବି ମାସ୍କ ନପିନ୍ଧି ଅନେକ ବାହାରେ ବୁଲୁଛନ୍ତି । ଆଗକୁ ପାର୍ବଣ ଋତୁ ସାଙ୍ଗକୁ କରୋନାର ତୃତୀୟ ଲହର ଆସୁଛି । କରୋନା କଟକଣା କୋହଳ ହେଲେ ଭୟାନକ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି । ଏ ପରିପ୍ରେକ୍ଷୀରେ କରୋନା କଟକଣାକୁ କଡାକଡି କରିବାର ଯଥେଷ୍ଟ ଆବଶ୍ୟକତା ରହିଛି ।

ପ୍ରଦୀପ୍ତ କିଶୋର ମିଶ୍ର, ସାମାଜିକ କର୍ମୀ,ଖଣ୍ଡପଡା

ପର୍ବ, ପର୍ବାଣୀ ପଛେ ଫିକା ପଡୁ, କରୋନା କଟକଣା କଡାକଡି ଭାବେ ଲାଗୁ ହେଉ । ଜୀବନ ରହିଲେ ସିନା ଜୀବିକା, ଭଲମନ୍ଦ ଓ ଜୀବନରେ ହସଖୁସୀ ସବୁକିଛି ଆସିବ । ତେଣୁ କରୋନାର ୩ୟ ଲହର ସାଧାରଣରେ ଘାତକ ସାଜିବା ପୂର୍ବରୁ କଟକଣାକୁ କଡାକଡି କରାଯାଉ ।

ଶ୍ରୀପତି ମହାରଣା, ସାମାଜିକ କର୍ମୀ, କଂଟିଲୋ

ସାରା ବିଶ୍ୱ ଆଜି କରୋନାରେ କବଳିତ । କରୋନା ମାନବ ସମାଜର ବହୁ କ୍ଷତି ସାଧନ କରିଛି । ତେଣୁ ପାର୍ବଣ ସମୟରେ ସର୍ବସାଧାରଣ ସଚେତନ ହୁଅନ୍ତୁ । ସରକାର କଟକଣା ଲାଗୁ ପାଇଁ ସ୍ପଷ୍ଟ ସରକାରୀ ନିର୍ଦ୍ଦେଶନାମା ଜାରି କରନ୍ତୁ । ପର୍ବପର୍ବାଣୀ ପାଳନ ଘର ମଧ୍ୟରେ ସୀମିତ ରହୁ । ଆଲୋକର ପର୍ବ ଦୀପାବଳୀ ଓ ଗଣପର୍ବ ଦଶହରା ଓ ଅନ୍ୟାନ୍ୟ ପର୍ବ ପାଳନ ସମୟରେ କଟକଣା କଡାକଡି କରାଯାଉ । ଫଳରେ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇବା ସହ ଦୈନିକ ସଂକ୍ରମଣ ହାର କମିବ ।

ପ୍ରତିମା ମହାପାତ୍ର, ଗୃହିଣୀ, କଂଟିଲୋ ।

(ପାର୍ବଣ ଋତୁରେ କଟକଣା ଜରୁରୀ)

ସଂପ୍ରତି ସାରା ବିଶ୍ୱକୁ ଦୋହଲାଇ ଦେଇଥିବା କରୋନା ମହାମାରୀ ପୁନର୍ବାର କାୟା ବିସ୍ତାର କରିବା ଆରମ୍ଭ କଲାଣି । ପୁନଶ୍ଚ ପୂର୍ବାନୁମାନ ଅନୁଯାୟୀ ଆସନ୍ନ ତୃତୀୟ ଲହରରେ ଶିଶୁ ଓ କିଶୋର ମାନେ ବହୁ ପରିମାଣରେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ । ଅନ୍ୟ ପକ୍ଷରେ ପାର୍ବଣ ଋତୁ ଆସିଯାଇଛି । ସବୁଆଡେ ଯାତ୍ରା ମହୋତ୍ସବ ଆରମ୍ଭ ହେଲେ ମହାମାରୀ ବହୁଳ ଭାବେ ବ୍ୟାପିବା ପାଇଁ ରାସ୍ତା ସଫା ହୋଇଯିବ । ତେଣୁ ସମାଜର ସୁରକ୍ଷା ତଥା ଧନ ଓ ଜୀବନର ସୁରକ୍ଷା ଚିନ୍ତା ସରକାରଙ୍କ ସହିତ ସମସ୍ତ ନାଗରିକ ଚିନ୍ତା କରିବା ଜରୁରୀ ଅଟେ । ସାମୟିକ ଭାବେ ପାର୍ବଣ ଋତୁକୁ ଆଡମ୍ବରପୂର୍ଣ୍ଣ କରାନଗଲେ କିଛି କ୍ଷତି ହେବ ନାହିଁ ସତ, କିନ୍ତୁ କିଛି ପରିମାଣରେ ଅର୍ଥନୈତିକ କ୍ଷତି ସହିବାକୁ ପଡିବ । ହେଲେବି ପାର୍ବଣ ଋତୁକୁ କେବଳ ରୀତି, ନୀତି ମଧ୍ୟରେ ସୀମିତ ରଖାଯିବା ଜରୁରୀ । ନଚେତ ତୃତୀୟ ଲହର କଣ ଯେ କ୍ଷତି ଘଟାଇବ କଳ୍ପନା କରାଯାଇ ନପାରେ ।

ବିକ୍ରମ କେଶରୀ ଦେଓ, ସଂପାଦକ ଖଣ୍ଡପଡା ବାର ଆସୋସିଏସନ

ମଦ୍ରାସା ବୋର୍ଡ ପରୀକ୍ଷା ଫଳ ପ୍ରକାଶିତ

ଭୁବନେଶ୍ୱର: ଓଡ଼ିଶା ମଦ୍ରାସା ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାହିର(ଯୁକ୍ତ-୨)ର ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି । ଏହି ମାହିର ପରୀକ୍ଷାରେ ୫୮ ଜଣ ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସମସ୍ତ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଛନ୍ତି ଏବଂ ୩୪୭ ଜଣ ପ୍ରାଇଭେଟ୍ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୩୪ ଜଣ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଛନ୍ତି । ମୋଟ ୪୦୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୯୨ ଜଣ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଥିବାବେଳେ ପାସ୍ ହାର ୯୬.୭ ପ୍ରତିଶତ ରହିଛି । ଭଦ୍ରକ ଜିଲ୍ଲାର ଶେଖ ସରଫରାଜ୍ ଆଲମ୍ ଏହି ପରୀକ୍ଷାରେ ୮୨.୫ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

୧୦ ଦିନ ହେଲା ପାନୀୟ ଜଳଯୋଗାଣ ବନ୍ଦ, ଚାଉପଲ୍ଲୀ ଗ୍ରାମବାସୀ ହନ୍ତସନ୍ତ

ଖଣ୍ଡପଡା:ଖଣ୍ଡପଡା ବ୍ଲକ ଅଧିନ ମର୍ଦ୍ଦରାଜପୁର ପଂଚାୟତର ଚାଉପଲ୍ଲୀ ଗ୍ରାମବାସୀ ୧୦ ଦିନ ଧରି ପାଇପ ଲାଇନ ଯୋଗେ ପାନୀୟଜଳ ପାଇବାରୁ ବଂଚିତ ହୋଇଥିବା ଜଣାପଡିଛି । ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପମ୍ପ ହାଉସରେ ଯାନ୍ତ୍ରିକ ତ୍ରୁଟି ସାଙ୍ଗକୁ ବିଦ୍ୟୁତ ସମସ୍ୟାକୁ ନେଇ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି । ଫଳରେ ଗ୍ରାମବାସୀ ସ୍ୱଚ୍ଛ ପାନୀୟ ଜଳ ମୁନ୍ଦେ ପାଇବାରୁ ବଂଚିତ ହୋଇଛନ୍ତି । ପାଇପ ଲାଇନ ଯୋଗେ ଜଳଯୋଗାଣ ବନ୍ଦ ଯୋଗୁଁ ଗ୍ରାମବାସୀ ଆଖପାଖ ଅଂଚଳରେ ଥିବା କୂପ ଓ ପୋଖରୀରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି । ଏବେ ବର୍ଷାଋତୁ ଯୋଗୁଁ ପୋଖରୀ ଓ କୂପର ପାଣି ଗୋଳିଆ ହୋଇଥିଲେ ହେଁ ପରିସ୍ଥିତି ଦୃଷ୍ଟିରୁ ଗ୍ରାମବାସୀ ବାଧ୍ୟ ହୋଇ ଦୂଷିତ ପାଣିକୁ ଦୈନିକ ବ୍ୟବହାର କରୁଛନ୍ତି । ଉପରୋକ୍ତ ସମସ୍ୟା ସଂପର୍କରେ ଗ୍ରାମବାସୀ ମର୍ଦ୍ଦରାଜପୁର ପଂଚାୟତ କର୍ତୃପକ୍ଷ, ସରପଂଚ, ବିଭାଗୀୟ କନିଷ୍ଠଯନ୍ତ୍ରୀ ଓ ଖଣ୍ଡପଡା ବ୍ଲକ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ମାତ୍ର କେହିହେଲେ ପାନୀୟ ଜଳ ସମସ୍ୟା ସମାଧାନ ଦିଗରେ ଧ୍ୟାନ ଦେଉରୁ ନଥିବାରୁ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଥିପ୍ରତି ଖଣ୍ଡପଡା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କର୍ତୃପକ୍ଷ ଧ୍ୟାନ ଦେବାକୁ ଚାଉପଲ୍ଲୀ ଗ୍ରାମବାସୀ ଦାବି କରିଛନ୍ତି । ତେବେ ଏଥିପ୍ରତି ଖଣ୍ଡପଡା ବ୍ଲକ କନିଷ୍ଠଯନ୍ତ୍ରୀ ସୁବ୍ରତ କୁମାର ସାହୁ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

ଅବସରପ୍ରାପ୍ତ ଶିକ୍ଷକଙ୍କ ଗଛ ପ୍ରୀତି

ଆନନ୍ଦପୁର: ପରିବେଶକୁ ସୁସ୍ଥ ରଖିବା ଓ ନିରାମୟ ଜୀବନ ଆଶାରେ ଲୋକମାନଙ୍କର ବୃକ୍ଷ ରୋପଣ ପ୍ରତି ଆକୃଷ୍ଟ ଅନେକାଂଶରେ ବୃଦ୍ଧି ପାଇଥିବା ପରିଲକ୍ଷିତ ହୋଇଛି । ଏହି କ୍ରମରେ ଆନନ୍ଦପୁର ବ୍ଲକ କଣ୍ଟିପାଳ ହାଇସ୍କୁଲର ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ତଥା କାଠକଟା ପଂଚାୟତ ଟାଙ୍ଗର ଗ୍ରାମର ନିରନ ସାହୁ ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛଭାରତ ଅଭିଯାନରେ ପ୍ରେରିତ ହୋଇ ନିଜ ପ୍ରଚେଷ୍ଟା ଓ ଉଦ୍ୟମ ବଳରେ ନିଜ ଗ୍ରାମରେ ଏକ ପହାଡିଆ ଅଂଚଳକୁ ସବୁଜ, ନର୍ମଳ ଏବଂ ବ୍ୟବହାର ଉପଯୋଗି ପରିବେଶରେ ପରିଣତ କରିପାରିଛନ୍ତି । ତେଣୁ ଅଂଚଳବାସୀ ତାଙ୍କୁ ସାଧୁବାଦ ଜଣାଇଛନ୍ତି । ୨୦୧୦ରେ କଣ୍ଟିପାଳ ଉଚ୍ଚ ବିଦ୍ୟାଳୟରୁ ଅବସର ନେବା ପୂର୍ବରୁ ମଧ୍ୟ ସେ ସଂସ୍କାରଧର୍ମୀ କାର୍ଯ୍ୟ ଜାରି ରଖିଥିଲେ ।

ଓଡିଶା ନଦୀ ସୁରକ୍ଷା ସଭାପତିଙ୍କୁ ସମ୍ବର୍ଦ୍ଧନା

ଘଷିପୁରା: ଓଡିଶା ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତିଙ୍କ ଘୋଷଣା କ୍ରମେ ଓଡିଶା ନଦୀ ସୁରକ୍ଷା ସମିତିର ସଭାପତି ଭାବେ ମହେଶ୍ୱର ସାହୁ ଓ କେନ୍ଦୁଝର ଜିଲ୍ଲାର ସହ ସଂଯୋଜକ ଭାବେ ଗୋଲକ ଜେନାଙ୍କୁ ମନୋନୀତ କରି ଦାୟୀତ୍ୱ ଅର୍ପଣ କରିଛନ୍ତି । ଏହି ଅବସରରେ ସ୍ଥାନୀୟ ଗରିବ ସେବା ସଦନ ଶାଳପଡା ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ସମାଜସେବୀ ତଥା ବରିଷ୍ଠ ବିଜେପି ନେତା ଡ. ଶମ୍ଭୁନାଥ ରାଉତଙ୍କ ସଭାପତିତ୍ୱରେ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଗରିବ ସେବା ସଦନର ସଦସ୍ୟ ନରେନ୍ଦ୍ର ପଣ୍ଡା, ମନୋଜ ଦାଶ, ଯୋଗେନ୍ଦ୍ର ସାହୁ, ପ୍ରଦୀପ ସାହୁ, ମିଥୁନ ଦାସ, ବିକାଶ ବଳ, ମକରଧ୍ୱଜ ଜେନା, ଶ୍ରୀଧର ମହାନ୍ତ,କୈଳାଶ ଜେନା, ହଳଧର ସାହୁ, ମନୋରନ ବଳ, ହୃଦାନନ୍ଦ ସେନାପତି, ଶିଶିର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରଗତି ପଥେ ଫୁଲବାଣୀ ପୌର ପରିଷଦ, ଫୁଲବାଣୀ

ପୌର ପରିଷଦ, ଫୁଲବାଣୀ ସହରର ସମସ୍ତ ଜନସଧାରଣଙ୍କୁ ସ୍ୱାୟତ୍ତ ଶାସନ ଦିବସ ୨୦୨୧ ଉପଲକ୍ଷେ ଶୁଭେଚ୍ଛା ଓ ଶୁଭକାମନା ସହିତ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବାକୁ ବିନମ୍ର ନିବେଦନ । ସ୍ୱଚ୍ଛ ସହର ଗଠନ ପରିପ୍ରେକ୍ଷୀରେ ଆପଣମାନଙ୍କର ସହଯୋଗ କାମନା କରୁଅଛୁ ।

- ପୌର ପରିଷଦର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛିକି, କୋଭିଡ୍-୧୯ ନିୟମକୁ ପାଳନ କରନ୍ତୁ ଓ ଅତ୍ୟାବଶ୍ୟକ ନ ହେଲେ ବାହାରେ ଯାତାୟତ କରନ୍ତୁ ନାହିଁ । ମାସ୍କ ବ୍ୟବହାର କରନ୍ତୁ ଓ ସାମାଜିକ ଦୂରତା ବଜାୟ ରଖନ୍ତୁ ।
- ପରିଷଦ ପରିସୀମା ମଧ୍ୟରେ ନୂତନ ଗୃହ ନିର୍ମାଣ ପୂର୍ବରୁ ପରିଷଦର ବିଧିବଦ୍ଧ ଅନୁମତି ନେଇ ନିର୍ମାଣ କରନ୍ତୁ ।
- ରାସ୍ତା କଡ଼ ବା ନାଳ ଉପରେ ଉଠା କ୍ୟାବିନ ପକାଇ ରାସ୍ତା ଅବରୋଧରୁ ନିବୃତ ରୁହନ୍ତୁ ।
- ପରିଷଦ ପରିସୀମା ମଧ୍ୟରେ କୌଣସି ସାଇନ ବୋର୍ଡ଼, ହୋର୍ଡ଼ିଙ୍ଗ ଲଗାଇବା ପୂର୍ବରୁ ପରିଷଦର ଅନୁମତି ନିଅନ୍ତୁ ।
- ର

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Bhubaneswar Tuesday August 31, 2021 | ଭୁବନେଶ୍ୱର ମଙ୍ଗଳବାର, ଅଗଷ୍ଟ ୩୧,୨୦୨୧ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ସୁଆଁପଦା ଗୋଦାମରୁ ଘଟଗାଁ, ହରିଚନ୍ଦନପୁରକୁ ହେବ ଚାଉଳ ଯୋଗାଣ, ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଚିଠି କଲା ଯୋଗାଣ ନିଗମ

ଆନନ୍ଦପୁର: ମିଲର ଓ ଯୋଗାଣ ବିଭାଗର ମଧୁଚନ୍ଦ୍ରିକା ପାଇଁ ପରିବହନ ଜନିତ କ୍ଷତି ସତ୍ତ୍ୱେ ବଦଳିବ ଗୋଦାମ । ଏ ନେଇ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକଙ୍କ ପକ୍ଷରୁ କେନ୍ଦୁଝର ଜିଲ୍ଲା ଯୋଗାଣ ଆଧିକାରୀଙ୍କୁ ଚିଠି କରାଯାଇଛି । ଯୋଗାଣ ନିଗମର ଚିଠି ନଂ ୧୨୩୨୩/୨୭.୦୮.୨୧ରେ ମଣ୍ଡୁଆ ପରିବର୍ତ୍ତେ ସୁଆଁପଦା ଚାଉଳ ଗୋ ।ଦାମରୁ ଘଟଗାଁ ଓ ହରିଚନ୍ଦନପୁର ବ୍ଲକର ବିଭିନ୍ନ ପଂଚାୟତକୁ ଚାଉଳ ଯୋଗାଇ ଦେବାକୁ ନିର୍ଦ୍ଦେଶ ରହିଛି । ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକଙ୍କ ଚିଠି ଅନୁସାରେ ଏଣିକି କେନ୍ଦୁଝର ସହରର ମଣ୍ଡୁଆ ଗୋଦାମରେ ମିଲରମାନେ ଚାଉଳ ନଦେଇ ଆନନ୍ଦପୁର ସ୍ଥିତ ସୁଆଁପଦା ଗୋ।ାମରେ ଚାଉଳ ଦେବେ । ଏହି ଗୋଦାମରୁ ହରିଚନ୍ଦନପୁର ଏବଂ ଘଟଗାଁ ବ୍ଲକର ସମସ୍ତ ପଂଚୟାତକୁ ଚାଉଳ ଯୋଗାଇ ଦିଆଯିବ । ସେହିପରି କେନ୍ଦୁଝର ସଦର ବ୍ଲକର ବିଭିନ୍ନ ପଂଚାୟତକୁ ପୂର୍ବରୁ ଗୁମୁରାସ୍ଥିତ ଗୋଦାମରୁ ଚାଉଳ ଯୋଗାଇ ଦିଆଯାଉଥିଲା । ଏବେଠାରୁ ମଣ୍ଡୁଆ ଗୋଦାମରୁ ସଦର ବ୍ଲକର ବିଭିନ୍ନ ପଂଚାୟତକୁ ଚାଉଳ ଯୋଗାଇବାକୁ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକଙ୍କ ଚିଠିରେ ଉଲ୍ଲେଖ ରହିଛି । ତେବେ ଘଟଗାଁ ଏବଂ ହରିଚନ୍ଦନପୁର ବ୍ଲକର ବିଭିନ୍ନ ପଂଚାୟତକୁ କେନ୍ଦୁଝର ସହରସ୍ଥିତ ମଣ୍ଡୁଆ ଚାଲୁ ଗୋଦାମରୁ ଚାଉଳ ଯୋଗାଇ ଦିଆଯାଉଥିବା ବେଳେ ଏବେ ଆନନ୍ଦପୁର ସ୍ଥିତ ସୁଆଁପଦା ଗୋଦାମରୁ ଚାଉଳ ଦିଆଗଲେ ମିଲରମାନେ ଉପକୃତ ହେବେ । ଦୂରତା ବଢିବା କାରଣରୁ ସରକାର କ୍ଷତି ସହିବେ । ସୂଚନାଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲା ସଦର ମହକୁମାର ମଣ୍ଡୁଆ ଠାରେ ରହିଛି ଯୋଗାଣ ବିଭାଗର ରାଇସ୍ ରିସଭିଂ ସେଣ୍ଟର ବା ଗୋଦାମ ଗୃହ । ଏହି ଗୋଦାମକୁ ମିଲରମାନେ ଚାଉଳ ଯୋଗାଇଥାନ୍ତି । ଏଠାରେ ଯୋଗାଣ ବିଭାଗ ପକ୍ଷରୁ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରାଯିବା ପରେ ଘଟଗାଁ ଏବଂ ହରିଚନ୍ଦନପୁର ବ୍ଲକର ସମସ୍ତ ପଂଚାୟତକୁ ପିଡିଏସ୍ ଚାଉଳ ପଠାଯାଇଥାଏ । ଘଟଗାଁ ବ୍ଲକରେ ୨୫ଟି ପଂଚାୟତ ଥିବାବେଳେ ମାସକୁ ୫୯୪୮ କୁଇଣ୍ଟାଲ ୫୦କେ.ଜି. ପିଡିଏସ୍ ଚାଉଳ ପରିବହନ ହୋଇଥାଏ । ସେହିପରି ହରିଚନ୍ଦନପୁର ବ୍ଲକର ୨୫ଟି ପଂଚାୟତ ଏହି ବ୍ଲକକୁ ମାସକୁ ୭୨୭୨ କୁଇଣ୍ଟାଲ ୯୫କେ.ଜି. ଚାଉଳ ପରିବହନ ହୋଇଥାଏ । ଘଟଗାଁ ବ୍ଲକକୁ ଚାଉଳ ପରିବହନ ପାଇଁ ବର୍ତ୍ତମାନ କୁଇଣ୍ଟାଲ ପିଛା ୩୬ଟଙ୍କା ୬୮ପଇସା ପରିବହନ ଠିକାଦାରଙ୍କୁ ଦିଆଯାଉଛି । ହରିଚନ୍ଦନପୁର ବ୍ଲକ ପାଇଁ କୁଇଣ୍ଟାଲ ପିଛା ୪୪ଟଙ୍କା ୨୮ ପଇସା ପ୍ରଦାନ କରାଯାଉଛି । ଦୂରତା ବଢିବା କାରଣରୁ ଏବେ ହରିଚନ୍ଦନପୁର ବ୍ଲକକୁ ପରିବହନ ଖର୍ଚ୍ଚ କୁଇଣ୍ଟାଲ ପିଛା ୭୪ଟଙ୍କା ୫୫ପଇସା ପଡିବ । ଘଟଗାଁ ବ୍ଲକକୁ କୁଇଣ୍ଟାଲ ପିଛା ପରିବହନ ଖର୍ଚ୍ଚ ୬୭ଟଙ୍କା ୭୧ପଇସା ପଡିବ । ଅର୍ଥାତ ହରିଚନ୍ଦନପୁର ବ୍ଲକକୁ କୁଇଣ୍ଟାଲ ପିଛା ଅଧିକ ୩୦ଟଙ୍କା ୨୮ପଇସା ଏବଂ ଘଟଗାଁ ବ୍ଲକକୁ ୩୧ଟଙ୍କା ୩ପଇସା ଅଧିକ ଖର୍ଚ୍ଚ ହେବ । ହରିଚନ୍ଦନପୁର ବ୍ଲକର ୨୫ଟି ପଂଚାୟତକୁ ମୋଟ୍ ୭୨୭୨କୁଇଣ୍ଟାଲ ୯୫କେ.ଜି. ଚାଉଳ ପରିବହନ ପାଇଁ ସରକାର ୨ଲକ୍ଷ ୨୦ହଜାର ୨୨୪ଟଙ୍କା ଅଧିକ ଖର୍ଚ୍ଚ କରିବେ । ସେହିପରି ଘଟଗାଁ ବ୍ଲକର ୨୫ଟି ପଂଚାୟତକୁ ୫୯୪୮କୁଇଣ୍ଟାଲ ୫୦କେ.ଜି. ପିଡିଏସ୍ ଚାଉଳ ପରିବହନ ପାଇଁ ମୋଟ ୧ଲକ୍ଷ ୮୪ହଜାର ୫୮୧ଟଙ୍କା ଅଧିକ ଖର୍ଚ୍ଚ ହେବ ।

ବଜାରରେ ମିଳୁଛି ପୋକ ସାଲୁବଲୁଚିକେନ,ରାନ୍ଧିଲା ପରେ ଜଣା ପଡିଲା

ଚଣ୍ଡିଖୋଲ :ଏବେ ବଜ଼ାରରେ ଅପମିଶ୍ରିତ ଦ୍ରବ୍ୟର ବିକ୍ରି ବଢିଚାଲିଛି .ଏହିସବୁ ଅପମିଶ୍ରିତ ପଦାର୍ଥ କୁ ଖାଇ ମଣିଷ ନାନାଦି ରୋଗରେ ପଡି ଖର୍ଚ୍ଚାନ୍ତ ହେବାର ଲାଗିଛି .କେତେବେଳେ ତେଲରେ ପୋଡା ମୋବିଲ ର ଅପମିଶ୍ରିତ ଧରାପଡିଛି ତା ଆଉ କେତେବେଳେ ବିଭିନ୍ନ ଖାଦ୍ୟ ସାମଗ୍ରୀରେ ଅପମିଶ୍ରିତ ହେଉଥିବାର ଜଣାଯାଉଛି କିନ୍ତୁ ଚିକେନ ରୁ ପୋକ ସାଲୁବାଲୁ ଷକ୍ଟରସ ବାହାରିବା ବୋଧେ ନୂଆଘଟଣା .ଆଖିକୁ ସତେଜ ଦେଖାଯାଉଥିବା ଚିକେନ କିନ୍ତୁ ରାନ୍ଧିଲାବେଳେ ସେଥିରେ କଣ ରହିଛି ତାହା ଜଣାପଡିଲା ଏଭଳି ଏକ ଘଟଣା ଘଟିଛି ବଡ଼ଚଣା ବ୍ଲକ ସିଂହ ଗ୍ରାମରେ ,ଗ୍ରାମର ଖଗେଶ୍ୱର ସାହୁ ନାମକ ଜଣେ ବ୍ୟକ୍ତି ନିକଟରେ ଥିବା ଦର୍ପଣ ବଜ଼ାରରୁ ଘର ପାଇଁ କିଛି ଚିକେନ କିଣି ନେଇଥିଲେ .ଘରେ ଚିକେନକୁ ଭଲ ଭାବରେ ଧୋଇ ମସଲା ଦେଇ ରାନ୍ଧିବା ବେଳେ ଗରମ ବାଙ୍ଗ ପାଇଁ ସେହି ଚିକେନରୁ ବହୁତ ଗୁଡିଏ ପୋକ ସାଲୁବଲୁ ହେଉଥିବାର ଦେଖିବାକୁ ମିଳିଥିଲା .ଏହାକୁ ଦେଖି ପରିବାର ଲୋକେ ଚିକେନକୁ ଗତ ଖୋଳି ପୋତିଦେଇଥିଲେ.ତେଣୁ ବଜ଼ାରରେ ମିଳୁଥିବା ଚିକେନ କେତେ ସ୍ୱସ୍ଥ ପାଇଁ ହିତକର ତାହା ଏଇଥିରୁ ବୁଝାପଡ଼େ .ଚିକେନ ବ୍ୟବସାୟ କରୁଥିବା ମାଲିକ ମାନେ ଅଧିକ ଲାଭଖୋର ମନବୃତି ରଖି ଠିକ ସମୟରେ ଔଷଧ ବା ପ୍ରତିଷେଧକ ଟୀକା ନଦେବାରୁ ଚିକେନ ରେ ଏପରି ପୋକ ବାହାରୁଥିବା ସାଧାରଣରେ ଆଲୋଚନା ହେଉଅଛି.ତେଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ଖାଦ୍ୟ ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିକେନ ଦୋକାନରୁ ଚିକେନର ସାମ୍ପୁଲ ସଂଗ୍ରହକରି ପରୀକ୍ଷାଗାରକୁ ପରୀକ୍ଷା ପାଇଁ ପଠାଇବାକୁ ଆଇନଜୀବୀ ଉଦୟନାଥ ସାହୁ ଦାବୀ କରିଛନ୍ତି ,ସାମ୍ପୁଲ ପରୀକ୍ଷା ପର୍ଯ୍ୟନ୍ତ ଚିକେନ ଦୋକାନସବୁ ବନ୍ଦ ରଖିବାକୁ ସାଧାରଣରେ ଦାବୀ ହେଉଛି ।

ସେପ୍ଟେମ୍ବର ୧ରୁ ଜନସାଧାରଣଙ୍କ ନିମନ୍ତେ ଖୋଲା ହେବ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନ

ଖୋର୍ଦ୍ଧା : ଖୋର୍ଦ୍ଧା ଅଂଚଳର ଜନସାଧାରଣଙ୍କ ଆମୋଦ ପ୍ରମୋଦ ପାଇଁ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି ଟ୍ରଷ୍ଟ ପକ୍ଷରୁ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନ ନିର୍ମାଣ କରାଯାଇଅଛି । କିନ୍ତୁ ମହାମାରୀ କରୋନାର ପାଇଁ ଗତ ମାର୍ଚ୍ଚ ମାସ ଠାରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଉଦ୍ୟାନକୁ ବନ୍ଦ ରଖାଯାଇଥିଲା । ବର୍ତମାନ ଟ୍ରଷ୍ଟ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୧ ତାରିଖ ଠାରୁ ରାଜ୍ୟ ସରକାରଙ୍କ କୋଭିଡ୍-୧୯ ନିର୍ଦ୍ଦେଶାବଳୀ ଅନୁଯାୟୀ ଉଦ୍ୟାନକୁ ସର୍ବସାଧାରଣ ନିମନ୍ତେ ଖୋଲିବା ପାଇଁ ନିଷ୍ପତି କରାଯାଇଅଛି ।

Prop:- S.N. Mishra
Mob: 9438036881
: 9437213475
INSPIRING TRUST
HN ELECTRICALS & ENGG.
A unique of All Electricals House Wiring items, Madular Switches, Home Appliances & General Order Supplier
(FAN, GRINDER, INDUCTION COOKE TOP, IRON, GYSER, COOKER etc)
Hulurisingha Chowk, Angul- 759132

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଙ୍କୀ

ଆପଣଙ୍କୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ଶୁଭେଚ୍ଛା କାମନା କରୁଅଛି

ମା' ଚର୍ଚ୍ଚିକା ସମସ୍ତଙ୍କର ମଙ୍ଗଳ କରନ୍ତୁ ଏହା ଆମର ପ୍ରାର୍ଥନା। ବିଜ୍ଞାପିତ ଅଞ୍ଚଳକୁ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ସହର ରୂପେ ଗଢ଼ିତୋଳିବାରେ ସହାୟକ ହୁଅନ୍ତୁ। ଏହି ସହରକୁ ସରସ ସୁନ୍ଦର କରି ଗଢ଼ି ତୋଳିବା ଆମ୍ଭର କର୍ତ୍ତବ୍ୟ ଏବଂ ଆପଣଙ୍କର ସହଯୋଗ କାମନା ଆମ୍ଭମାନଙ୍କର ଲକ୍ଷ୍ୟ ଅଟେ। ବର୍ତ୍ତମାନ ଆମ୍ଭ ରାଜ୍ୟରେ କରୋନା ଭୂତାଣୁ ସଂକ୍ରମଣ ହେଉଥିବାରୁ ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷିତ ରଖନ୍ତୁ। ସମସ୍ତ ଜନସାଧାରଣ ସାମାଜିକ ଦୂରତ୍ୱ ବଜାୟ ରଖିବା ସହିତ ମୁହଁରେ ଠିକ୍ ଭାବେ ମାସ୍କ ବ୍ୟବହୃତ କରନ୍ତୁ। ଜନ ଗହଳିଠାରୁ ଦୂରେଇ ରୁହନ୍ତୁ। ଆସନ୍ତୁ ସମସ୍ତେ ମିଳିମିଶି କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିରୋଧ କରିବା। ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ୧୭ ଗୋଟି ୱାର୍ଡ଼କୁ ବାହ୍ୟମଳମୁକ୍ତ ସହର ରୂପେ ବଜାୟ ରଖିବା ପାଇଁ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ।

ଶ୍ରୀଯୁକ୍ତ ରଞ୍ଜନ କୁମାର ଜେନା,ଓ.ପ୍ର.ସେ
ଉପ-ଜିଲ୍ଲାପାଳ ତଥା ପ୍ରଶାସକ
ବିଜ୍ଞାପିତ ଅଞ୍ଚଳ ପରିଷଦ
ବାଙ୍କୀ

ଶ୍ରୀଯୁକ୍ତ ସତ୍ୟ ରଞ୍ଜନ ପଣ୍ଡା, ଓ.ପ୍ର.ସେ
ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ
ବାଙ୍କୀ

ପ୍ରଗତିପଥେ ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ

'ବୁଗୁଡ଼ା ସହରବାସୀଙ୍କ ସହଯୋଗ ହିଁ ପରିଷଦ ପ୍ରଗତିର ଭିତ୍ତିଭୂମି'

ସ୍ୱାୟତ ଶାସନ ଦିବସ ୨୦୨୧ ପାଳନ ଉପଲକ୍ଷେ ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସମସ୍ତ ନଗରବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଜଣାଉଛୁ ।

☛ **ଆମର ସ୍ୱପ୍ନ ଓ ସଂକଳ୍ପ**

୧. ପ୍ରତ୍ୟେକ ୱାର୍ଡ଼ରେ ଉଦ୍ୟାନ ଓ ଓପନ ଜିମ୍‌ର ବ୍ୟବସ୍ଥା
୨. କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ପରିଷଦ ଦ୍ୱାରା ଦୋକାନ ଗୃହର ବ୍ୟବସ୍ଥା ।
୩. କ୍ରୀଡ଼ାବିତ୍‌ଙ୍କ ପ୍ରୋତ୍ସାହନ ନିମନ୍ତେ ଏକ ଇନଡ଼ୋର ଷ୍ଟାଡ଼ିୟମର ନିର୍ମାଣ ।

☛ **ଆପଣମାନଙ୍କୁ ଆମର ବିନମ୍ର ନିବେଦନ**

୧. ଘରୁ ବାହାରୁଥିବା ଓଦା ଏବଂ ଶୁଖିଲା ଆବର୍ଜନାକୁ ନାଳ ଓ ସବୁଜ ଡଷ୍ଟବିନରେ ଅଲଗା ଅଲଗା ରଖି ପରିମଳ ଗାଡ଼ିକୁ ପ୍ରଦାନ କରନ୍ତୁ ଏବଂ ଆବର୍ଜନା ସକାଶେ ପରିଷଦକୁ ଅନଲାଇନ ମାଧ୍ୟମରେ (ଆମ ସହର)ୟୁଜର ଫିସ୍ ପ୍ରଦାନ କରନ୍ତୁ ।
୨. ସଫା ଆପ ମାଧ୍ୟମରେ ପରିମଳକୁ ନେଇ ରହିଥିବା ସମସ୍ୟା ସମ୍ପର୍କେ କଲ୍ୟାଣ ମଣ୍ଡପ, ସେସପୋଲ ଗାଡ଼ି କିମ୍ବା ପାଣି ଟାଙ୍କି ବୁକିଙ୍ଗ ନିମନ୍ତେ ଏବଂ ଘର ନିର୍ମାଣରୁ ବାହାରୁ ଥିବା ଅଦକାରୀ ଇଟା, ମାଟି, ପଥର ଉଠାଇବା ଇତ୍ୟାଦି କାର୍ଯ୍ୟ ନିମନ୍ତେ ସଫାଆପ ବ୍ୟବହାର କରନ୍ତୁ ।
୩. ନିଜ ଘର କିମ୍ବା ଅନୁଷ୍ଠାନରେ ଗଛଟିଏ ଲଗାନ୍ତୁ ଏବଂ ପରିଷଦ ଦ୍ୱାରା ଲଗାଯାଇଥିବା ଗଛଗୁଡ଼ିକର ସୁରକ୍ଷା ନିମନ୍ତେ ଆମକୁ ସହଯୋଗ କରନ୍ତୁ ।
୪. ଠିକ୍ ସମୟରେ ପରିଷଦର ଟିକସ ପୈଠ କରନ୍ତୁ ଏବଂ ପରିଷଦରୁ ଟ୍ରେଡ୍ ଲାଇସେନ୍ସ ନେଇ ବ୍ୟବସାୟ କରନ୍ତୁ ।
୫. ପଦୁଷଣମୁକ୍ତ ସମାଜ ପାଇଁ ପଲିଥିନ ଏବଂ ପ୍ଲାଷ୍ଟିକ ବ୍ୟବହାର କରନ୍ତୁ ନାହିଁ ।
୬. ପରିଷଦରୁ ଟ୍ରେଡ୍ ଲାଇସେନ୍ସ ନେଇ ବ୍ୟବସାୟ କରନ୍ତୁ ।
୭. ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ ।

ସହରବାସୀଙ୍କ ସୁଖ ସମୃଦ୍ଧିର ଆଶା କରି
ଆପଣଙ୍କ

ଶ୍ରୀଯୁକ୍ତ ରଶ୍ମୀରଞ୍ଜନ ଦାସ
କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବୁଗୁଡ଼ା

ଶ୍ରୀଯୁକ୍ତ ରାଜେନ୍ଦ୍ର ମିଞ୍ଜ
ଉପ-ଜିଲ୍ଲାପାଳ ଭଞ୍ଜନଗର-ତଥା- ପ୍ରଶାସକ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବୁଗୁଡ଼ା

ଜନ୍ମାଷ୍ଟମୀରେ କଳ୍ପବୃକ୍ଷ ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର : ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ଅର୍ଥାତ୍ ପବିତ୍ର ଜନ୍ମାଷ୍ଟମୀରେ ସହରଠୁ ଧରି ପୁରପଲ୍ଲୀ ପର୍ଯ୍ୟନ୍ତ ଉତ୍ସବ ମୁଖର ପରିବେଶ ଦେଖିବାକୁ ମିଳିଥିଲା । ସବୁଠି ମହାପ୍ରଭୁଙ୍କୁ ସ୍ୱାଗତ କରିବା ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା ବେଳେ ରାଜଧାନୀ ଭୁବନେଶ୍ୱରର କିଛି ବୃକ୍ଷପ୍ରେମୀ ଓ ପରିବେଶବିତ୍ ଏକତ୍ରିତ ହୋଇ ଭଗବାନଙ୍କ ଜନ୍ମ ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି । ଏକାମ୍ରକ୍ଷେତ୍ରର ଐତିହ୍ୟ ସମ୍ପନ୍ନ ଦୟାନଦୀ କୂଳରୁ ଏହି ପୂଣ୍ୟତିଥିରେ ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଶୁଭାରମ୍ଭ ହୋଇଛି କଳ୍ପବୃକ୍ଷ ଅଭିଯାନ ।ଏ ସମ୍ପର୍କରେ ଶ୍ରୀ ସାହୁ କୁହନ୍ତି ସମ୍ପ୍ରତି ଜଙ୍ଗଲ ଧ୍ୱଂସ ଫଳରେ ପୃଥିବୀରେ ଦେଖାଦେଇଛି ଅନେକ ସମସ୍ୟା ଯଥା-ବିଶ୍ୱତାପନ, ଅମ୍ଳଜାନ ପରିମାଣ ହ୍ରାସ, ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣ ପରି ସୃଷ୍ଟି ହେଉଛି ଅନେକ ସମସ୍ୟା । ପରିବେଶ ସୁରକ୍ଷା ପାଇଁ ବହୁବର୍ଷ ଧରି ବଞ୍ଚୁଥିବା ଏହି ଅକ୍ଷୟ ବର ଓ ଅଶ୍ୱତ୍ଥ ବର୍ତ୍ତମାନ ପରିସ୍ଥିତି ପାଇଁ ନିତାନ୍ତ ଜରୁରୀ । ବୈଜ୍ଞାନିକମାନେ ଗବେଷଣା କରି ପାଇଛନ୍ତି ଗୁଳ୍ମ ମଧ୍ୟରେ ତୁଳସୀ ଓ ଦ୍ରୁମ ମଧ୍ୟରେ ଅଶ୍ୱତ୍ଥ ଓ ବର ସର୍ବାଧିକ ଅମ୍ଳଜାନ ପ୍ରଦାନ କରିଥାନ୍ତି । ବାୟୁମଣ୍ଡଳକୁ ପ୍ରଦୂଷଣମୁକ୍ତ ରଖିବା ଦିଗରେ ବର ଓ ଅଶ୍ୱତ୍ଥ ବୃକ୍ଷର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯୁଗେ ଯୁଗେ ଏହି ବୃକ୍ଷ ଆମର ଶାରୀରିକ, ମାନସିକ ତଥା ଆଧ୍ୟାତ୍ମିକ ବିକାଶ କ୍ଷେତ୍ରରେ ସହାୟ ହୋଇଆସିଛି । ଏହା ପବିତ୍ରତାର ପ୍ରତୀକ ହୋଇଥିବାରୁ ଏହାର ଛାୟା ତଳେ ବିଭିନ୍ନ ଧାର୍ମିକ ଓ ଶୁଭକାର୍ଯ୍ୟ ସମ୍ପନ୍ନ ହୋଇଥାଏ । ପୁରାଣ କହେ ଏ ବୃକ୍ଷ ସ୍ୱର୍ଗରେ ଥିଲା । ପୃଥିବୀକୁ ଆସି ତା ନାମ କଳ୍ପବଟ ହୋଇଗଲା । ଯଥାର୍ଥରେ ସୃଷ୍ଟିକର୍ତ୍ତାଙ୍କର ଏହା ଏକ ଅମୂଲ୍ୟ ବରଦାନ । ଏହା ମଧ୍ୟ ଅନେକ ରୋଗର ମହୌଷଧି । ସମ୍ପ୍ରତି ଏହି ବୃକ୍ଷର ସୁରକ୍ଷା ସହ ବ୍ୟାପକ ପରିମାଣରେ ରୋପଣ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି । ତେବେ ଯାଇ ଆମେ ଏକ ସୁନ୍ଦର, ସବୁଜ ଓ ପ୍ରଦୂଷଣମୁକ୍ତ ପରିବେଶ ସୃଷ୍ଟି କରିପାରିବା । ଏହି ପବିତ୍ର ଦିନରେ ସର୍ବମୋଟ ୩୫ଟି ବର ଓ ଅଶ୍ୱତ୍ଥ ଦୟାନଦୀର କୂଳ ଏବଂ ଦାରୁଠେଙ୍ଗ ନିକଟସ୍ଥ ଚନ୍ଦକା ଜଙ୍ଗଲରେ ରୋପଣ କରାଯାଇଥିଲା । ଅଭିଯାନକୁ ଆନୁଷ୍ଠାନିକ ରୂପେ ଓଡ଼ିଶା ଲଳିତକଳା ଏକାଡ଼େମୀର ସଚିବ ତଥା ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ଉଦ୍‌ଘାଟନ କରିଥିଲେ । ଅଭିଯାନରେ ବୃକ୍ଷପ୍ରେମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ସଂଗ୍ରାମ କେଶରୀ ସାହୁ, ସନ୍ତୋଷ କୁମାର ଦାଶ, ଅଜୟ କୁମାର ଲେଙ୍କା ପ୍ରମୁଖ ଚାରାରୋପଣ କାର୍ଯ୍ୟରେ ସହଯୋଗ କରିଥିଲେ । ସୃଷ୍ଟିକର୍ତ୍ତାଙ୍କ ଜନ୍ମ ଉତ୍ସବରେ ପ୍ରତିଟି ଭକ୍ତ ଓ ଶ୍ରଦ୍ଧାଳୁ ଗୋଟିଏ ଲେଖାଏଁ ବର ଓ ଅଶ୍ୱତ୍ଥ ଗଛ ଲଗାଇବା ପାଇଁ ସଂକଳ୍ପ ନିଅନ୍ତୁ ବୋଲି ଶ୍ରୀ ସାହୁ ଏହି ଅବସରରେ ନିବେଦନ କରିଛନ୍ତି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V

FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray